<table>
<tr>
<td>
ଆଜି - ରବିବାର<br>
ତାରିଖ - ୨୭ ସେପ୍ଟେମ୍ବର ୨୦୨୬<br>
ମାସ - କନ୍ୟା, ଦିନ - ୧୧<br>
ତିଥି - ପ୍ରତିପଦ, ପକ୍ଷ- କୃଷ୍ଣ<br>
ନକ୍ଷତ୍ର - ଉତରାଭାଦ୍ର, ମୀନ ଚନ୍ଦ୍ର<br>
ସୂର୍ଯ୍ୟୋଦୟ - ୫: ୪୦: ୦୦<br>
ସୂର୍ଯ୍ୟାସ୍ତ - ୫ : ୩୭ : ୦୦
</td>
<td>
ସତ ଖବର ସମସ୍ତଙ୍କ ଖବର<br>
ଆଜିକାଲି<br>
Morning Edition AJIKALI ପ୍ରଭାତୀ ସଂସ୍କରଣ
</td>
<td>
"ଯେସାକୁ ତେସା ବା ହିଂସାର ପ୍ରତିଶୋଧ ହିଂସାଚରଣରେ ନିଆଯିବା ଭଳି ନୀତି ଦିନେ ସାରା ବିଶ୍ୱକୁ ମାନବଶୂନ୍ୟ କରିଦେବ ।"<br>
- ମହାତ୍ମା ଗାନ୍ଧି
</td>
</tr>
</table>

E-mail: ajikalibls@gmail.com

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-News : www.Ajikali epaper.com

Vol.- 41 ISSUE- 165 R.N.I. REGD. No. 44026/86 ବାଲେଶ୍ୱର ୨୭ ସେପ୍ଟେମ୍ବର ୨୦୨୬ ରବିବାର BALASORE 27 SEPTEMBER 2026 SUNDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦


# ୪ଟି ବିଭାଗର ୧,୧୦୧ ଜଣ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

## ୨ ବର୍ଷ ୩ ମାସରେ ୪୬,୫୭୫ ସରକାରୀ ନିଯୁକ୍ତି ପ୍ରଦାନ

ଭୁବନେଶ୍ୱର : ସରକାରୀ ଚାକିରି କେବଳ ଏକ କର୍ମସଂସ୍ଥାନ ବା ଆର୍ଥିକ ସୁରକ୍ଷାର ମାଧ୍ୟମ ନୁହେଁ, ବରଂ ଏହା ରାଜ୍ୟ ଓ ସମାଜ ପ୍ରତି ନିଜର ଦାୟିତ୍ୱ ନିର୍ବାହ କରିବାର ଏକ ପବିତ୍ର ଅବସର । ଶନିବାର ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ୧୭ତମ ରାଜ୍ୟସ୍ତରୀୟ ନିଯୁକ୍ତି ମେଳାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୪ଟି ବିଭାଗର ସମୁଦାୟ ୧,୧୦୧ ଜଣ ନବନିଯୁକ୍ତ ଅଧିକାରୀଙ୍କୁ ନିଯୁକ୍ତି ପତ୍ର ବଂଟନ କରିବା ଅବସରରେ କହିଛନ୍ତି ।

ଏହି ଅବସରରେ ରାଜ୍ୟର ଯୁବପିଢ଼ିଙ୍କୁ ସଶକ୍ତ କରିବା ଏବଂ ସ୍ୱଚ୍ଛ ପ୍ରଶାସନ ମାଧ୍ୟମରେ ସେମାନଙ୍କ ଆକାଂକ୍ଷାକୁ ସାକାର କରିବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଦର୍ଶାଇ, 'ସମୃଦ୍ଧ ଓଡ଼ିଶା ୨୦୩୬' ଓ 'ବିକଶିତ ଭାରତ ୨୦୪୭'ର ସ୍ୱପ୍ନକୁ ସାକାର କରିବାରେ ନବନିଯୁକ୍ତ ଅଧିକାରୀମାନଙ୍କ ଦକ୍ଷତା, ନିଷ୍ଠା ଓ କର୍ତବ୍ୟପରାୟଣତା ପ୍ରମୁଖ ମୂଳଦୁଆ ସାଜିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।




ସରକାର ଗଠନର ମାତ୍ର ୨ ବର୍ଷ ୩ ମାସ ମଧ୍ୟରେ ୧୭ଟି ନିଯୁକ୍ତି ମେଳା ମାଧ୍ୟମରେ ରେକର୍ଡ ୪୬,୫୭୫ ଜଣ ଯୁବକଯୁବତୀଙ୍କୁ ସରକାରୀ ସେବାରେ ନିୟୋଜିତ କରାଯାଇସାରିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି । ସୂଚନା ଯୋଗ୍ୟଯେ ଆଜିର ଏହି ନିଯୁକ୍ତି ମେଳାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ୮୧୪ ଜଣ ମେଡିକାଲ ଅଫିସର ଓ ୯୨ ଜଣ ଆସିଷ୍ଟା[ ପ୍ରଫେସର, ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍ )ର ୩୦ ଜଣ, ଓଡ଼ିଶା ରାଜସ୍ୱ ସେବା (ଓଆରଏସ୍)ର ୪୨ ଜଣ, ଓଡ଼ିଶା ଅର୍ଥ ସେବା (ଓଏଫଏସ୍ )ର ୪୬ ଜଣ, ଓଡ଼ିଶା ଟିକସ ଓ ହିସାବ ସେବା (ଓଟିଏଏସ୍ )ର ୬୦ ଜଣ ଏବଂ ସମବାୟ ସେବା ( ଓସିଏସ୍ ଆଣ୍ଡ ଓସିଏଏସ୍ )ର ୧୭ ଜଣ ଅଧିକାରୀ ସରକାରୀ ସେବାରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି । ସ୍ୱାସ୍ଥ୍ୟସେବାକୁ ପ୍ରାଥମିକତା ଦେଇ ସାଢ଼େ ଚାରି କୋଟି ଓଡ଼ିଆଙ୍କୁ ନିଜ ପରିବାର ଭାବି ସେବା ଯୋଗାଇଦେବାକୁ ଡାକ୍ତରମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ରାଜସ୍ୱ ଓ ଅର୍ଥ ବିଭାଗର ଭୂମିକା ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ, ଓଏଏସ୍ ଓ ଓଆରଏସ୍ ଅଧିକାରୀମାନେ ପ୍ରଶାସନର ମେରୁଦଣ୍ଡ ଭାବେ କାର୍ଯ୍ୟ କରିଥାନ୍ତି । ସେହିପରି ଓଏଫଏସ୍ ଏବଂ ଓଟିଏଏସ୍ ଅଧିକାରୀମାନଙ୍କ ସଠିକ୍ ରାଜସ୍ୱ ଆକଳନ, ଜିଏସଟି ଓ ଭାଟ୍ ସଂଗ୍ରହ ଏବଂ ଆର୍ଥିକ ଶୃଙ୍ଖଳା ରାଜ୍ୟ ଅର୍ଥନୀତିକୁ ଅଧିକ ସୁଦୃଢ଼ କରିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସମବାୟରୁ ସମୃଦ୍ଧି' ଆହ୍ୱାନକୁ ସାକାର କରିବା ପାଇଁ ସମବାୟ କ୍ଷେତ୍ରକୁ କେବଳ ଋଣ ପ୍ରଦାନ ମଧ୍ୟରେ ସୀମିତ ନରଖି ଚାଷୀ, ମହିଳା ଓ ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ଯୋଡ଼ି ଏହାକୁ ବହୁମୁଖୀ ଅନୁଷ୍ଠାନରେ ପରିଣତ କରିବାକୁ ସେ ନୂତନ ସମବାୟ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ । ନିଜ ଅଭିଭାଷଣରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ ଓ ସ୍ୱଚ୍ଛ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବନିଯୁକ୍ତ ଅଧିକାରୀମାନଙ୍କୁ ଏକ 'ପଂଚସୂତ୍ରୀ' ମନ୍ତ୍ର ପ୍ରଦାନ କରିଛନ୍ତି । ସେ ସ୍ପଷ୍ଟ ଭାବେ କହିଥିଲେ ଯେ 'ଜନସେବା ହିଁ ମାଧବ ସେବା', ତେଣୁ ନିଜକୁ ଶାସକ ନ ଭାବି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଭଳି ନିଜକୁ 'ଜନସେବକ' ମନେକରି ସାଧାରଣ ଲୋକଙ୍କ ସେବା କରିବାକୁ ହେବ ।

# କେରଳମର କୋଲ୍ଲମଠାରେ ମହିଳା ସଶକ୍ତିକରଣ ଓ ସହକାରିତା ସମ୍ପର୍କିତ ବିଭିନ୍ନ ପଦକ୍ଷେପର ଶୁଭାରମ୍ଭ କଲେ କେନ୍ଦ୍ର ଗୃହମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ସେ ସମୃଦ୍ଧି' ର ପରିକଳ୍ପନା ଅନୁରୂପ ଏବଂ ସମବାୟ ମାଧ୍ୟମରେ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ମହିଳା ପରିଚାଳିତ ବିକାଶକୁ ନୂତନ ଗତି ପ୍ରଦାନ କରି କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି କେରଳମର କୋଲ୍ଲମସ୍ଥିତ ପବିତ୍ରମ ସମ୍ମିଳନୀ କେନ୍ଦ୍ରରେ ମହିଳା ସଶକ୍ତିକରଣ ଏବଂ ସମବାୟ ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି । କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ବାଷ୍ପ ଏବଂ ପର୍ଯ୍ୟଟନ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ସୁରେଶ ଗୋପୀଙ୍କ ସମେତ ସମବାୟ କ୍ଷେତ୍ର ସହିତ ଜଡ଼ିତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ପ୍ରତିନିଧି ଏହି ଅବସରରେ ଉପସ୍ଥିତ ଥିଲେ ।ନିଜର ଅଭିଭାଷଣର ପ୍ରାରମ୍ଭରେ କେନ୍ଦ୍ର ଗୃହ ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ କେରଳରୁ କେରଳମ୍ ଯାତ୍ରା କରିଥିବା ସମସ୍ତ ମାଲାୟାଲି ଭାଇ ଓ ଭଉଣୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ ସ୍ୱାଧୀନତାର ଅମୃତ କାଳ ସମୟରେ କୃଷକ ଏବଂ ସମବାୟ କ୍ଷେତ୍ର ସହିତ ଜଡ଼ିତ ଲୋକମାନେ ଦୀର୍ଘଦିନ ଧରି କେନ୍ଦ୍ରରେ ଏକ ପୃଥକ ସମବାୟ ମନ୍ତ୍ରଣାଳୟ ଗଠନ ପାଇଁ ଦାବି କରିଆସୁଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କେନ୍ଦ୍ରରେ ସମବାୟ ମନ୍ତ୍ରଣାଳୟ ପ୍ରତିଷ୍ଠା କରି ଦେଶର ଗ୍ରାମୀଣ ବିକାଶ, କୃଷି ବିକାଶ ଏବଂ ମହିଳା ସଶକ୍ତିକରଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛନ୍ତି, ଯାହା ସମବାୟ କ୍ଷେତ୍ରରେ ନୂତନ ଶକ୍ତି ଏବଂ ଗତି ପ୍ରଦାନ କରିଛି । କେରଳମର ସମୃଦ୍ଧ ସମବାୟ ପରମ୍ପରା ଉପରେ ଆଲୋକପାତ କରି ଶ୍ରୀ ଅମିତ ଶାହ କହିଛନ୍ତି ଯେ କେରଳମ ସେହି ରାଜ୍ୟଗୁଡ଼ିକ ମଧ୍ୟରେ ରହିଛି ଯେଉଁଠାରେ ସ୍ୱାଧୀନତା ପୂର୍ବରୁ ମଧ୍ୟ ସମବାୟ ଆନ୍ଦୋଳନ ସୁଦୃଢ଼ ଏବଂ ସୁସଂଗଠିତ ରହିଛି । ତ୍ରାଭାଙ୍କୋର, କୋଚି ଏବଂ ମାଲାବାର ଭଳି ଅଂଚଳରେ ସ୍ୱାଧୀନତା ପୂର୍ବରୁ ସମବାୟର ଏକ ଦୃଢ଼ ପରମ୍ପରା ରହିଛି, ଯାହା କେରଳମର ସମବାୟ ଆନ୍ଦୋଳନକୁ ସମଗ୍ର ଦେଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣରେ ପରିଣତ କରିଛି । ସେ କହିଛନ୍ତି ଯେ ସମବାୟ କ୍ଷେତ୍ରରେ ଆଜି ଆରମ୍ଭ ହେବାକୁ ଥିବା 'ସି-ମାର୍ଟ' ପଦକ୍ଷେପ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ୱାରା ବଜେଟରେ ଘୋଷଣା କରାଯାଇଥିଲା ଏବଂ ଏହା ଅତ୍ୟନ୍ତ ସନ୍ତୋଷର ବିଷୟ ଯେ ଏହି ପଦକ୍ଷେପ କେରଳମରୁ ଆରମ୍ଭ କରାଯାଉଛି । ଜନସାଧାରଣ ଏବଂ କୃଷକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇବା ଲାଗି ଆରମ୍ଭ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ଦେଇ କେନ୍ଦ୍ର ଗୃହ ଏବଂ ସମବାୟ ମନ୍ତ୍ରୀ କହିଥିଲେ ଯେ ନାଫେଡର ମୋବାଇଲ ଭ୍ୟାନ୍ ଜରିଆରେ କୃଷକ ଏବଂ ସାଧାରଣ ଜନତାଙ୍କ ପାଇଁ ପନିପରିବା, ଭାରତ ଅଟା ଏବଂ ଭାରତ ଚାଉଳ ଉପଲବ୍ଧ କରାଇବା ଲାଗି କେରଳମରେ ମଧ୍ୟ ଏକ ପଦକ୍ଷେପ ଆରମ୍ଭ କରାଯାଇଛି । ସେ କହିଥିଲେ ଯେ ଡାଲି ଉତ୍ପାଦନରେ ଆତ୍ମନିର୍ଭର ମିଶନ ଅଧୀନରେ ମହିଳା କୃଷକମାନଙ୍କୁ ହରଡ ଏବଂ ଚଣା ମଞ୍ଜି ଯୋଗାଇ ଦିଆଯାଉଛି । ସେହିଭଳି, ନାଫେଡ୍-କଲ୍ୟାଣ ଛାତ୍ରବୃତି ଯୋଜନା ଅଧୀନରେ, ପ୍ରାୟ ୨୦୦୦ ପରିବାରର ଝିଅମାନଙ୍କୁ ଛାତ୍ରବୃତି ପ୍ରଦାନ କରାଯାଉଛି ।





## ଅଳ୍ପରେ ଖବର

» ପୂର୍ବତଟ ରେଳପଥର ରାୟଗଡ଼ା ଡିଭିଜନ ଅନ୍ତର୍ଗତ ମାଲିଗୁଡ଼ା ଓ ଛତଡିପୁଟ ଷ୍ଟେସନ ମଧ୍ୟରେ ଭୂସ୍ଖଳନ ଯୋଗୁଁ ଟ୍ରେନ୍‌ସେବା ପ୍ରଭାବିତ ହୋଇଛି । ସୁରକ୍ଷା ଦୃଷ୍ଟିରୁ ଏବଂ ପ୍ରଭାବିତ ଅଂଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ସୁଗମ କରିବା ପାଇଁ କେତେକ ଟ୍ରେନ୍ ବାତିଲ କରାଯାଇଥିବା ବେଳେ କେତେକ ଟ୍ରେନ୍ କୁ ଆଂଶିକ ଭାବେ ବାତିଲ କରାଯାଇ କୋରାପୁଟରୁ ଯାତ୍ରା ଆରମ୍ଭ କିମ୍ବା କୋରାପୁଟଠାରେ ଯାତ୍ରା ସମାପ୍ତ କରାଯିବ ।

» ଉତରପ୍ରଦେଶରେ ଗତ ପ୍ରାୟ ୪୮ ଘଂଟା ଧରି ଜାରି ରହିଥିବା ବର୍ଷା ଓ ଝଡ଼ତୋଫାନ ଯୋଗୁଁ ବିଭିନ୍ନ ଦୁର୍ଘଟଣାରେ ୧୫ ଜଣଙ୍କ ମୃତ୍ୟୁ ଘଟିଛି । ଏହା ସହ ୧୧୭ଟି ମାଟି ଓ ଜରାଜୀର୍ଣ୍ଣ ଘର କ୍ଷତିଗ୍ରସ୍ତ ହୋଇଛି । ୫ ଜଣ ଆହତ ହୋଇଥିବାବେଳେ ୪ଟି ପଶୁହାନି ହୋଇଥିବା ସୂଚନା ମିଳିଛି ।

» ଭାରତୀୟ ଜନତା ପାର୍ଟି (ବିଜେପି)ର ଜାତୀୟ ଅଧ୍ୟକ୍ଷ ନିତିନ ନବୀନ ସେପ୍ଟେମ୍ବର ୨୭ ଓ ୨୮ ତାରିଖରେ ପଶ୍ଚିମବଙ୍ଗର ଦୁଇଦିନିଆ ଗସ୍ତରେ ରହିବେ । ଏହି ଅବସରରେ ସେ ଦଳର ସାଙ୍ଗଠନିକ ସ୍ଥିତିର ସମୀକ୍ଷା କରିବା ସହ କାର୍ଯ୍ୟକର୍ତା, ନେତା ଓ ଯୁବବର୍ଗଙ୍କ ସହ ଆଲୋଚନା କରିବେ ।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲ

## ଝାରସୁଗୁଡ଼ାରେ ୧ ଏମଟିପିଏ ଆଲୁମିନିୟମ ସ୍ମେଲ୍ଟର ପ୍ରକଳ୍ପର ହେବ ସଂପ୍ରସାରଣ

ଭୁବନେଶ୍ୱର: ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ଓଡ଼ିଶାରେ ପ୍ରସ୍ତାବିତ ୧ ଲକ୍ଷ କୋଟି ଟଙ୍କାର ଆଲୁମିନିୟମ ପ୍ରକଳ୍ପ ଗୁଡିକର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ ।

ଓଡ଼ିଶାରେ ବେଦାନ୍ତର ବିଭିନ୍ନ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବା, ସ୍ଥାନୀୟ ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ଓ ଶିଳ୍ପ ସଂସ୍ଥା ମଧ୍ୟରେ ସହଯୋଗକୁ ସୁଦୃଢ଼ କରିବା ଉପରେ ଏହି ବୈଠକର ଆଲୋଚନାରେ ଗୁରତ୍ୱ ଆରୋପ କରାଯାଇଥିଲା ।

ବେଦାନ୍ତର ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ ମଧ୍ୟରେ ରହିଛି ଢେଙ୍କାନାଳ ଜିଲ୍ଲାରେ ବାର୍ଷିକ ୩୦ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଆଲୁମିନିୟମ ସ୍ମେଲ୍ଟର ପ୍ଲାଂଟ ଏବଂ ରାୟଗଡ଼ା ଜିଲ୍ଲାରେ ବାର୍ଷିକ ୬୦ ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଆଲୁମିନା ରିଫାଇନାରୀ । ଏହି ସବୁ ପ୍ରକଳ୍ପ ଗୁଡ଼ିକ କେବଳ ଓଡ଼ିଶା ନୁହେଁ ସାରା ଦେଶକୁ ଆଲୁମିନିଅମ ମାନୁଫାକଚରିଙ୍ଗ୍‌ରେ ଏକ ବିଶ୍ୱସ୍ତରୀୟ ହବ୍ ଭାବେ ଗଢ଼ି ତୋଳିବାରେ ସହାୟକ ହେବ ।

ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ ହେଲେ, ବେଦାନ୍ତର ମୋଟ ଆଲୁମିନିୟମ ଉତ୍ପାଦନ କ୍ଷମତା ବାର୍ଷିକ ୬୦ ଲକ୍ଷ ଟନ୍ କୁ ବୃଦ୍ଧି ପାଇବ, ଯାହା ଭବିଷ୍ୟତର ମେଟାଲ ଆବଶ୍ୟକତା ପୂରଣ ପାଇଁ ଭାରତର ବର୍ଦ୍ଧିଷ୍ଣୁ ଚାହିଦାକୁ ପୂରଣ କରିବାରେ ସାହାଯ୍ୟ କରିବ ।

ଆଲୋଚନା ସମୟରେ ଶ୍ରୀ ଅନିଲ ଅଗ୍ରୱାଲ ଝାରସୁଗୁଡ଼ାରେ ସ୍ଥିତ ଗୋଟିଏ ୧ ଏମଟିପିଏ ବିଶିଷ୍ଟ ଆଲୁମିନିୟମ ସ୍ମେଲ୍ଟର ପ୍ଲାଂଟର ସଂପ୍ରସାରଣ ପାଇଁ ମଧ୍ୟ ପ୍ରସ୍ତାବ ଦେଇଥିଲେ । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟ ସରକାର ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଆଗ୍ରହୀ ଅଛନ୍ତି । ସେଥିପାଇଁ ଦେଶ ତଥା ବିଶ୍ୱର ବିଭିନ୍ନ ପ୍ରାନ୍ତରୁ ପୁଞ୍ଜିନିବେଶ ଆକର୍ଷିତ କରିବା ପାଇଁ ପ୍ରୟାସ କରାଯାଉଛି । ନିଯୁକ୍ତି ସୃଷ୍ଟି ଏବଂ ସ୍ଥାନୀୟ ବିକାଶରେ ଏହି ପ୍ରକଳ୍ପଗୁଡ଼ିକର ବ୍ୟାପକ ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଆଲୁମିନିୟମ କ୍ଷେତ୍ରରେ ଏହି ପୁଞ୍ଜିନିବେଶକୁ ସମସ୍ତ ସହଯୋଗ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନିଲ ଅଗ୍ରୱାଲ କହିଛନ୍ତି ଯେ, 'ଆମର ପ୍ରସ୍ତାବିତ ପୁଞ୍ଜିନିବେଶଗୁଡ଼ିକର ଲକ୍ଷ୍ୟ ହେଉଛି ଏକ ବିଶ୍ୱସ୍ତରୀୟ ଶିଳ୍ପ ପରିବେଶ ପ୍ରତିଷ୍ଠା କରିବ ।



# ଅଙ୍ଗନ୍ କା ଉତ୍ସବ ଅଭିଯାନ କାର୍ଯ୍ୟକ୍ରମରେ ଯୋଗଦେଲେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା

ଭୁବନେଶ୍ୱର: ରାଜ୍ୟରେ ଶିଶୁ, ମହିଳା ଓ କିଶୋରୀମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସଚେତନତାକୁ ବ୍ୟାପକ କରିବା ଲକ୍ଷ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭାଗର ସମ୍ମିଳନୀ କକ୍ଷରୁ 'ଅଙ୍ଗନ୍ କା ଉତ୍ସବ' ଅଭିଯାନର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି । ଏହି ସମାରୋହ ଅବସରରେ ମହିଳା ଓ ଶିଶୁ କଲ୍ୟାଣକୁ ଆହୁରି ସୁଦୃଢ଼ କରିବା ସହ ଆଗଧାଡ଼ିର କର୍ମୀଙ୍କ ଯୋଗଦାନକୁ ସ୍ୱୀକୃତି ଦେଇ, ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଏକ ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି । ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କ ଶାଢ଼ୀ ଭତା ବାବଦକୁ ୧୩୯୦/- ଟଙ୍କାରୁ ୧୫୦୦/- ଟଙ୍କାକୁ ବୃଦ୍ଧି କରାଯାଇଛି, ଯେଉଁଥିରେ ଭାରତ ସରକାର ୬୦୦ ଟଙ୍କା ଏବଂ ଓଡ଼ିଶା ସରକାର ୯୦୦ ଟଙ୍କା ପ୍ରଦାନ କରିବେ । ସମୁଦାୟ ୨୨.୩୦ କୋଟି ଟଙ୍କାର ବ୍ୟୟବରାଦରେ ରାଜ୍ୟର ପ୍ରାୟ ୧.୪୮ ଲକ୍ଷ ଅଙ୍ଗନୱାଡି କର୍ମୀ ଓ ସହାୟିକା ପ୍ରତ୍ୟକ୍ଷ ଭାବେ ଉପକୃତ ହେବେ । ଏଥିସହ ରାଜ୍ୟର ପୋଷଣ, ସ୍ୱାସ୍ଥ୍ୟ ଓ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ସେବାର ମୁଖ୍ୟ ପୁରୋଧା ସାଜିଥିବା ଅଙ୍ଗନବାଡ଼ି କର୍ମୀଙ୍କ ପ୍ରଶାସନିକ ବୋଝ କମାଇବା ପାଇଁ, ଉପମୁଖ୍ୟମନ୍ତ୍ରୀ 'ଦୀପ୍ତି' (ଡାରେକ୍ଟ ଇନଭଏସ୍ ପେମେଂଟ ଆଣ୍ଡ ଟ୍ରାକିଂ ଇଂଟରଫେସ୍ ) ପୋର୍ଟାଲର ଶୁଭାରମ୍ଭ କରିଛନ୍ତି । ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଡିସକମ୍‌ର ମିଳିତ ସହଯୋଗରେ ବିକଶିତ ଏହି ଡିଜିଟାଲ୍ ପ୍ଲାଟଫର୍ମ ମାଧ୍ୟମରେ ବିଜୁଳି ବିଲ୍ ଯାଂଚ, ପରିଶୋଧ ଓ ଟ୍ରାକିଂ ସିଧାସଳଖ ସମ୍ପାଦିତ ହେବ ଏବଂ ଏହି ଦିଗରେ ମହିଳା ଓ ଶିଶୁ ବିକାଶ ବିଭାଗ ଓଡ଼ିଶାରେ ପ୍ରଥମ ବିଭାଗ ହୋଇଥିବାରୁ ଅନ୍ତର୍ଭୁକ୍ତ ଅଧିକାରୀ ମାନଙ୍କୁ ମନ୍ତ୍ରୀ ସାଧୁବାଦ୍ ଜଣାଇଛନ୍ତି ।



# ରବିବାର ଖୋଲାରହିବ ବ୍ୟାଙ୍କ

## ସେପ୍ଟେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ଧର୍ମଘଟ

ନୂଆଦିଲ୍ଲୀ: ସେପ୍ଟେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ ରାଷ୍ଟ୍ରାୟତ ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ପ୍ରସ୍ତାବିତ ତିନି ଦିନିଆ ଦେଶବ୍ୟାପୀ ଧର୍ମଘଟ ମାସର ଶେଷ ସପ୍ତାହରେ ଗ୍ରାହକଙ୍କ ସମସ୍ୟାକୁ ଆହୁରି ବଢ଼ାଇପାରେ । ଏହି ସମୟରେ, ବ୍ୟାଙ୍କଗୁଡ଼ିକ ଗ୍ରାହକମାନଙ୍କୁ ଧର୍ମଘଟ ପୂର୍ବରୁ ଆବଶ୍ୟକ ବ୍ୟାଙ୍କିଙ୍ଗ କାର୍ଯ୍ୟ କରିବାକୁ ପରାମର୍ଶ ଦେଉଛନ୍ତି ଯାହା ଦ୍ୱାରା ସେମାନେ ଅସୁବିଧାର ସମ୍ମୁଖୀନ ହେବେ ନାହିଁ । ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍ସ (ୟୁଏଫ୍‌ବିୟୁ) ସେପ୍ଟେମ୍ବର ୨୮ ରୁ ତିନି ଦିନିଆ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛି । ପୂର୍ବରୁ, ସେପ୍ଟେମ୍ବର ୨୬ ହେଉଛି ମାସର ଚତୁର୍ଥ ଶନିବାର ହୋଇଥିବାରୁ ଆଜି ବ୍ୟାଙ୍କଗୁଡ଼ିକ ବନ୍ଦ ରହିବ । ତେବେ ରବିବାର ଛୁଟି ସତ୍ତ୍ୱେ ସେପ୍ଟେମ୍ବର ୨୭ ତାରିଖରେ ବ୍ୟାଙ୍କଗୁଡ଼ିକ ଖୋଲା ରହିବ । ଏଭଳି ପରିସ୍ଥିତିରେ ସେପ୍ଟେମ୍ବର ୨୮ ରୁ ୩୦ ପର୍ଯ୍ୟନ୍ତ କ୍ରମାଗତ ତିନି ଦିନ ପାଇଁ ବ୍ୟାଙ୍କ ଶାଖାଗୁଡ଼ିକର କାର୍ଯ୍ୟ ପ୍ରଭାବିତ ହେବ ।ଏହି ସମୟରେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସବିଆଇ) ସମେତ କେତେକ ପୁରୁଣା ଘରୋଇ ବ୍ୟାଙ୍କ ଗ୍ରାହକମାନଙ୍କୁ ଧର୍ମଘଟ ପୂର୍ବରୁ ଅତ୍ୟାବଶ୍ୟକ ବ୍ୟାଙ୍କିଙ୍ଗ୍ କାର୍ଯ୍ୟ ଭଲ ଭାବରେ କରିବାକୁ ପରାମର୍ଶ ଦେଉଛନ୍ତି ଯାହା ଦ୍ୱାରା ସେମାନେ ଅସୁବିଧାରେ ପଡ଼ିବେ ନାହିଁ । ଏସବିଆଇ ଏହାର ବାର୍ତାରେ ଲେଖିଛି ଯେ ସେପ୍ଟେମ୍ବର ୨୭ ରେ ଏସବିଆଇ ଶାଖା ଖୋଲା ରହିବ । ଆପଣଙ୍କ ବ୍ୟାଙ୍କିଙ୍ଗ ଆବଶ୍ୟକତା ପାଇଁ ଯେକୌଣସି ଶାଖାକୁ ଯାଆନ୍ତୁ ।ଉଲ୍ଲେଖନୀୟ କଥା ହେଉଛି, ପାଂଚ ଦିନିଆ (ବ୍ୟାଙ୍କିଙ୍ଗ କାର୍ଯ୍ୟ ଦିବସ) କାର୍ଯ୍ୟକାରୀ କରିବା ସମେତ ବିଭିନ୍ନ ଦାବିକୁ ନେଇ ବ୍ୟାଙ୍କ ସଂଘଗୁଡ଼ିକ ଦ୍ୱାରା ଏହି ଧର୍ମଘଟ ଡକାଯାଇଛି । ତିନି ଦିନିଆ ଧର୍ମଘଟ ସମୟରେ ବ୍ୟାଙ୍କ ଶାଖାଗୁଡ଼ିକରେ ନଗଦ ଜମା-ଉଠାଣ, ଚେକ୍ କ୍ଲିୟରାନ୍ସ ଏବଂ ଅନ୍ୟାନ୍ୟ ସେବା ପ୍ରଭାବିତ ହେବାର ଆଶଙ୍କା ରହିଛି ।

# ମୁଖ୍ୟ ନିର୍ବାଚନ କମିଶନର ଓ ଦୁଇ କମିଶନରଙ୍କ ଉପସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ

ନୂଆଦିଲୀ,: ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ନେଇ ଲାଗିରହିଥିବା ବିବାଦ ମଧ୍ୟରେ ନିର୍ବାଚନ ଆୟୋଗ ଶନିବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଛନ୍ତି । ଏହି ବୈଠକରେ ଆୟୋଗର ତିନିଜଣ ଯାକ ନିର୍ବାଚନ କମିଶନରମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର, ଡକ୍ଟର ସୁଖବୀର ସିଂହ ସନ୍ଧୁ ଏବଂ ଡକ୍ଟର ବିବେକ ଯୋଶୀ ଉପସ୍ଥିତ ଥିଲେ । ଏହି ବୈଠକରେ ସ୍ଥିର କରାଯାଇଛି ଯେ ଫର୍ମ-୬କୁ ନେଇ ଯେଉଁ ବିବାଦ ଉପୁଜିଛି, ତାହା ପ୍ରକୃତରେ କୌଣସି ମୁଖ୍ୟ ପ୍ରସଙ୍ଗ ନୁହେଁ । ସୁପ୍ରିମକୋର୍ଟ ମଧ୍ୟ ଫର୍ମ-୬ର ଘୋଷଣାପତ୍ର ବ୍ୟବସ୍ଥାକୁ ସଠିକ ବୋଲି ଦର୍ଶାଇଛନ୍ତି । ଆୟୋଗଙ୍କ ପକ୍ଷରୁ ଏହା ମଧ୍ୟ ସ୍ପଷ୍ଟ କରାଯାଇଛି ଯେ, କ୍ୟାବିନେଟ ସଚିବଙ୍କୁ ଲେଖାଯାଇଥିବା ଚିଠି ସହିତ ନିର୍ବାଚନ ଆୟୋଗର ନୀତିଗତ ନିଷ୍ପତିର କୌଣସି ସମ୍ପର୍କ ନଥିଲା । ନିର୍ବାଚନ ଆୟୋଗ ପକ୍ଷରୁ ଶନିବାର ଜାରି କରାଯାଇଥିବା ସରକାରୀ ବିବୃତି ଅନୁଯାୟୀ, ମୁଖ୍ୟ ନିର୍ବାଚନ କମିଶନର ଏବଂ ଅନ୍ୟ ଦୁଇ କମିଶନର ସର୍ବସମ୍ମତିକ୍ରମେ ଅନେକ ନିଷ୍ପତି ନେଇଛନ୍ତି । ସେଥିମଧ୍ୟରୁ ପ୍ରଥମ ନିଷ୍ପତିରେ କୁହାଯାଇଛି: ଝଓଜରେ ନୋଟିସ ପାଇଥିବା ଲୋକଙ୍କ ଘରକୁ ଇଖଡମାନେ ଯାଇ ଦସ୍ତାବିଜ ସଂଗ୍ରହ କରିବେ; ସାଧାରଣତଃ ଶୁଣାଣିର ଆବଶ୍ୟକତା ରହିବ ନାହିଁ । ଆବଶ୍ୟକତା ଅନୁସାରେ ଆଶ୍ରୟସ୍ଥଳୀ, ଶ୍ରମିକ, ଗରିବ ଏବଂ ବାସହୀନମାନଙ୍କ ପାଇଁ ଡିଇଓମାନେ ହେଲ୍ପ ଡେସ୍କ ବସାଇବେ । ଏସଆଇଆର ଫର୍ମ-୬ ସହିତ ଘୋଷଣାପତ୍ର ବ୍ୟବସ୍ଥାକୁ ସୁପ୍ରିମକୋର୍ଟ ବଳବତର ରଖିଛନ୍ତି । ବରିଷ୍ଠ ଉରଉ ଏବଂ ସ୍ୱାଧୀନ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ କମିଟି ରଉଓଘରଞ୍ଜର ସମୀକ୍ଷା କରିବ । ଦିଲ୍ଲୀରେ ଦାବି ଓ ଆପତି ଦାଖଲର ଶେଷ ତାରିଖ ଅକ୍ଟୋବର ୩୦ ଏବଂ ମହାରାଷ୍ଟ୍ରରେ ଅକ୍ଟୋବର ୧୨ କରାଯାଇଛି । ଆୟୋଗର ସମସ୍ତ ବୈଠକର ଏଜେଣ୍ଡା ପୂର୍ବରୁ ପଠାଯିବ ଏବଂ ବୈଠକର କାର୍ଯ୍ୟବିବରଣୀ ପ୍ରକାଶ ପାଇବ । ସମସ୍ତ ଅଧିକାରୀଙ୍କ ଇଚଇଜ ରିପୋର୍ଟ ପ୍ରତିବର୍ଷ ଧାର୍ଯ୍ୟ ସମୟ ଅର୍ଥାତ୍ ୩୧ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ କରାଯିବ । ଅଧିକାରୀମାନଙ୍କ ବିଦେଶ ଗସ୍ତ ପାଇଁ ଏବେ ନିର୍ବାଚନ ଆୟୋଗଙ୍କ ଅନୁମତି ଅନିବାର୍ଯ୍ୟ ହେବ । କମିଶନରମାନଙ୍କ ଦ୍ୱାରା ଅଧିକାରୀମାନଙ୍କୁ ଜାରି କରାଯାଇଥିବା ସମସ୍ତ ନିର୍ଦ୍ଦେଶକୁ କଡ଼ାକଡ଼ି ଭାବେ ପାଳନ କରାଯିବା ନିଶ୍ଚିତ ହେବ । ଦ୍ୱିତୀୟ ନିଷ୍ପତିରେ କୁହାଯାଇଛି ଯେ, "ବିହାର ଏବଂ ପଶ୍ଚିମବଙ୍ଗ ସମେତ ଦେଶର ୨୦ଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଂଚଳରେ ଝଓଜ ପ୍ରକ୍ରିୟା ପୂର୍ବରୁ ହିଁ ଶେଷ ହୋଇସାରିଛି । ଯଦି ଝଓଜ ସମୟରେ କିମ୍ବା ତା' ପରେ ଭୋଟର ତାଲିକାରୁ କାହାର ନାମ ବାଦ ପଡ଼ିଯାଇଛି, ତେବେ ସେମାନେ ତଥା ଯୁବ କିମ୍ବା ପ୍ରଥମ ଥର ଭୋଟରମାନେ ନିରନ୍ତର ଅପଡେଟେସନ ଅଧୀନରେ ନିଜ ନାମ ସାମିଲ କରିବା ପାଇଁ ସମ୍ପୃକ୍ତ ରଜଡଙ୍କ ନିକଟରେ ଆବେଦନ କରିପାରିବେ ।" ଆୟୋଗ ଆହୁରି କହିଛନ୍ତି ଯେ, "ମୁଖ୍ୟ ନିର୍ବାଚନ ଅଧିକାରୀ ମାନଙ୍କୁ ଏହି ପ୍ରକ୍ରିୟାକୁ ସହଜ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।





# ଦୋବଲ-କୋରକଦା ଗେଙ୍ଗୁଟି ସେତୁ: ସ୍ଥିତି ଅନୁଧ୍ୟାନ କଲା ପୂର୍ତ୍ତ ବିଭାଗର ବିଶେଷଜ୍ଞ କମିଟି



ଧାମନଗର(ନିପ୍ର): ଧାମନଗର ବ୍ଲକର ଲାଇଫଲାଇନ୍ କୁହାଯାଉଥିବା ଦୋବଲ-କୋରକଦା ଗେଙ୍ଗୁଟି ନଦୀ ସେତୁ ନିର୍ମାଣ କାର୍ଯ୍ୟର ଗୁଣବତା, ଅଗ୍ରଗତି ଓ ବୈଷୟିକ ଦିଗଗୁଡ଼ିକର ସମୀକ୍ଷା ପାଇଁ ଆଜି ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗର ଇଞ୍ଜିନିୟର-ଇନ୍-ଚିଫ ଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଠିତ ଏକ ସ୍ୱତନ୍ତ୍ର ବିଶେଷଜ୍ଞ କମିଟି ଦୋବଲ ଠାରେ ପହଂଚି ଅନୁଧ୍ୟାନ କରିଛନ୍ତି। ୬ ଜଣ ବରିଷ୍ଠ ଇଞ୍ଜିନିୟରଙ୍କ ସମେତ ମାନ୍ୟବର ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ଦୋବଲ ସରପଂଚ ଅଶୋକ ପଣ୍ଡା, ଆଇନି ଜିବି ରଞ୍ଜିତ ମହାନ୍ତି ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନିର୍ମାଣ କାର୍ଯ୍ୟର ବିଭିନ୍ନ ଦିଗ ଉପରେ କ୍ଷେତ୍ରୀୟ ତଦାରଖ କରିବା ସହ ବିଶଦ ଆଲୋଚନା କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ ୧୦ କୋଟି ୨୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ଏହି ଉଚ୍ଚ ସୋପାନ ସେତୁର କଂକ୍ରିଟ୍ କାର୍ଯ୍ୟ ୨୦୨୧ରୁ ଶେଷ ହୋଇସାରିଛି। ମାତ୍ର ଉଭୟ ପାର୍ଶ୍ୱରେ ଆପ୍ରୋଚ୍ ରୋଡ୍ ହୋଇପାରି ନଥିବାରୁ ଦୀର୍ଘ ଦିନ ହେବ ପୋଲଟି ଅବ୍ୟବହୃତ ହୋଇ ପଡ଼ିରହିଛି। କୋରକଦା ପଟେ ବେସରକାରୀ ଜମି କ୍ରୟ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଦୋବଲ ପଟେ ଜମି ମାଲିକ ଓଡ଼ିଶା ହାଇକୋର୍ଟରୁ ସ୍ଥଗିତାଦେଶ ଆଣିଥିବାରୁ ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଅନ୍ୟପଟେ ଚଳିତ ବର୍ଷ ଲଗାତର ୯ ଥର ବନ୍ୟା ଆସିଥିବା ବେଳେ ୪ ଥର ପୁରୁଣା ପୋଲଟି ବୁଡ଼ିଯାଇ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି। ଗତକାଲି ଆସିଥିବା ବନ୍ୟା ପାଣିରେ ପୁଣିଥରେ ପୁରୁଣା ପୋଲଟି ବୁଡ଼ିଯିବାରୁ ଆନନ୍ଦପୁର, ପାହାଡ଼ପୁର, ଦକ୍ଷିଣକୂଳ, ସୋହଡ଼ା ଓ ସାପୁଆପାଟଣା ସମେତ ୫ଟି ପଂଚାୟତର ଲୋକେ ବ୍ଲକ ମୁଖ୍ୟାଳୟରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ଏହି ସମସ୍ୟାକୁ ନେଇ ସ୍ଥାନୀୟ ଅଂଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ପରେ ମାନ୍ୟବର ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ଗଭୀର ଉଦ୍ବେଗ ପ୍ରକାଶ କରିଥିଲେ। ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଗତ ଜାନୁଆରୀରୁ ସେତୁକୁ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜିର ଏହି ଉଚ୍ଚସ୍ତରୀୟ ଟିମ୍ ?ର ସମୀକ୍ଷା ଆଶାର ସଂ*ାର କରିଛି। ଏହି ସେତୁ ନିର୍ମାଣ ଦୋବଲ-ଷେଣ୍ଡପୁର ଅଂଚଳର ଯାତାୟାତ ବ୍ୟବସ୍ଥାକୁ ଅଧିକ ସୁଗମ କରିବା ସହ ଅଂଚଳବାସୀଙ୍କ ଦୀର୍ଘଦିନର ସମସ୍ୟାର ସ୍ଥାୟୀ ସମାଧାନ କରି ବିକାଶ ପଥରେ ଧାମନଗରକୁ ଆଗକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ଅଙ୍ଗନୱାଡ଼ି କେନ୍ଦ୍ରକୁ ମିଳୁଛି କମ ଚାଉଳ, ତଦନ୍ତ ଦାବି

ଖଇରା(ନିପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଚାଉଳ ପ୍ୟାକେଟରେ କମ ଚାଉଳ ଦିଆଯାଉଥିବା ଅଭିଯୋଗ ହୋଇଛି। କେନ୍ଦ୍ରର କର୍ମୀ ମାନେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଭଳି ଅନିୟମିତତାର ତଦନ୍ତ କରିବାକୁ ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ପିଲା ପଠାଉଥିବା ଅଭିଭାବକ ଓ ଖାଦ୍ୟ କମିଟି ପକ୍ଷରୁ ଦାବି କରାଯାଇଛି। ଖଇରା ବ୍ଲକରେ ବର୍ତ୍ତମାନ ୩୪୮ କେନ୍ଦ୍ର ଚାଲିଥିବା ବେଳେ ଶୁନରୁ ୩ବର୍ଷ ପର୍ଯ୍ୟନ୍ତ ୫ହଜାର ୭୩୨ଜଣ ପିଲା ପଢୁଥିବା ବେଳେ ୩ବର୍ଷରୁ ୬ବର୍ଷ ମଧ୍ୟରେ ୪ହଜାର ୩୦୬ ପିଲା ପଢୁଛନ୍ତି। ସରକାର ଙ୍କ ଗାଇଡଲାଇନ ଅନୁଯାୟୀ ୩ବର୍ଷରୁ ୬ବର୍ଷ ପର୍ଯ୍ୟନ୍ତ ପଢୁଥିବା ପିଲାଙ୍କୁ ଦୈନିକ ହାରାହାରି ୮୦ଗ୍ରାମ ଏବଂ ୨୫ଦିନକୁ ପାଖାପାଖି ୮୬ କୁଇଂଟାଲ ଚାଉଳ ଯୋଗାଇ ଦିଆଯାଉଛି। ହେଲେ ଚାଉଳ ଯୋଗାଉ ଥିବା ସଂସ୍ଥା ପ୍ୟାକେଟରେ ୫୦କିଲୋ ପରିବର୍ତ୍ତେ ଯଥେଷ୍ଟ କମ ଚାଉଳ ଦେଉଥିବା ନେଇ ଅଧିକାଂଶ ଅଙ୍ଗନୱାଡି କେନ୍ଦ୍ରର କର୍ମୀମାନେ କହୁଛନ୍ତି। ତେବେ ସଂପୃକ୍ତ ସଂସ୍ଥା ଭୟରେ ଲିଖିତ ଅଭିଯୋଗ କରିବାକୁ ଭୟ କରୁଛନ୍ତି। ଏ ସମ୍ପର୍କରେ ଖଇରା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ଅଧିକାରିଣୀ ଉର୍ମିଳା ବେହେରାଙ୍କ ପ୍ରତିକ୍ରିୟା ନେବାରେ ଏଭଳି ଅଭିଯୋଗ ତାଙ୍କ ନିକଟକୁ ଆସିନଥିବା କହିଛନ୍ତି। ଚାଉଳ ଯୋଗଉ ଥିବା ଏହି ସଂସ୍ଥା ସିମୁଳିଆ ବ୍ଲକରେ ଛତୁଆ ଯୋଗାଇବା ଦାୟିତ୍ୱ ନେଇଥିବା ବେଳେ ଛତୁଆର ମାନ ମଧ୍ୟ ଠିକ ରହୁନଥିବା ଏବଂ ପରିମାଣ ମଧ୍ୟ କମଥିବା ନେଇ ସିମୁଳିଆର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ମାନେ କହିଛନ୍ତି।

# 'ବିଶ୍ୱ ଫାର୍ମାସି ଦିବସ'-୨୦୨୬ ପାଳିତ

ଜଳେଶ୍ୱର(ନିପ୍ର): ଶୁକ୍ରବାର ଅପରାହ୍ନ ୪ ଘଟିକା ସମୟରେ ଜଳେଶ୍ୱର ମୁନସୀ ପାଳଟି ଅଧିନସ୍ଥ ୬ ନଂ ୱାର୍ଡ ସ୍ଥିତ ଦେଉଳି ଫଂଚୁଘଂଟା ରେ ଅବସ୍ଥିତ ଦିଗମ୍ବରୀଦେବୀ +୨ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଜଳେଶ୍ୱର ପରିସରରେ ସାଇ ସାରଳା ଫାର୍ମାସି ମହା ବିଦ୍ୟାଳୟ ତରଫରୁ ବିଶ୍ୱ ଫାର୍ମାସି -୨୦୨୬ପାଳିତ ହୋଇ ଯାଇଅଛି। ଉକ୍ତ କାଯ୍ୟକ୍ରମରେ ଅନୁଷ୍ଠାନ ର ଚେୟାର ମ୍ୟାନ ଅଧକ୍ଷ ଶିକ୍ଷାବିତ ଡ ଅଜିତ କୁମାର ମହାନ୍ତି ଅଧକ୍ଷସତାରେ ବିଶ୍ୱ ଫାର୍ମାସି ଦିବସ -୨୦୨୬ ପାଳନ ଅବସ ରରେ ଫାର୍ମାସିଷ୍ଟ ମାନଙ୍କ ରୋଗୀ ସେବା କ୍ଷେତ୍ରରେ ଆବ ଦାନ ସମ୍ପର୍କ ରେ ଆଲୋଚନା କରିଥିଲେ। ପ୍ରତିବର୍ଷ ସେପ୍ଟେମ୍ବର ୨୫ ତାରିଖ ରେ ଏହି ଦିବସ ପାଳିତ ହୋଇଥାଏ। ଇଂଟର ନେସନାଲ ଫାର୍ମା ସ୍ୟୁଟିକାଲ ଫେଡରେ ସନ(FIP)-୧୯୧୨ ମସିହା ସେପ୍ଟେମ୍ବର -୨୫ ରେ ପ୍ରତିଷ୍ଠିତ ହୋଇଥିଲା। ୨୦୦୯ ମସିହାରୁ ଏ ଦିବସ ପାଳିତ ହୋଇ ଆସୁଛି। ମ୨୦୨୬ ର ଥିମ ରହିଛି 'ସୁସ୍ଥ ଭବିଷ୍ୟତ ପାଇଁ ଫାର୍ମାସିଷ୍ଟ ମାନଙ୍କ ସଶକ୍ତି କରଣଫଫବୋଲି କହିଥିଲେ। ସାଇ ସାରଳା ଫାର୍ମାସୀ ମହାବିଦ୍ୟାଳୟ ର ଅଧକ୍ଷା ଶ୍ରୀମତୀ ଶିବାନୀ ସମାଦାର, ଫାର୍ମାସୀ ବିଭାଗ ର ଆଧ୍ୟାପକ ଚିନ୍ମୟ ରଂଜନ ରାଉଳ, ଅଧ୍ୟାପକ ମାନସ ମାଇତି, ଅଧକ୍ଷ ପ୍ରକାଶ କୁମା ର ଦିନ୍ଦା, ଅଧ୍ୟା ପକ ସନ୍ତୋଷ କୁମାର ଜେନା, ଅଧ୍ୟାପକ ସ୍ୱରାଜ କୁମାର ଜେନା, ସମ୍ପାଦିକା ମଧୁଛନ୍ଦା ମହାନ୍ତି ବିଶ୍ୱ ଫାର୍ମାସି ଦ୍ୱିସ -୨୦୨୬ ପାଳନର ଉଦ୍ଦେଶ୍ୟ ଜ୍ଞ୍ୟାପନ କରିଥିଲେ। ସହଯୋଗ କରି ଥିଲେ ଶ୍ରୀଧର ପାତ୍ର, ଅଜିତ ଜେନା, ବିନୟ କୁମାର ପାତ୍ର, ମଳୟ ପରିଡା, ସୌମ୍ୟରଂ ଜନ ପ୍ରଧାନ, ଅଜିତ କୁମାର ଦାସ, କୃଷ୍ଣା ମହା ଲିକ, କାବେରୀ ମହାଳିକ, ସୁମନ ଗିରି, ରୁମା ସିଂହ, ମଧୁମିତା ସାମଲ, ସୀତା ମାରାଣ୍ଡି, ପାନମଣି ଟୁଡୁ, ଫୁଲମଣି ଟୁଡୁ, ରଶ୍ମୀ ରେଖା ଟୁଡୁ, ଜବା ମୁର୍ମୁ, ମଂଜୁ ଶ୍ରୀ ବେହେରା, ସାଇନା ଜାନା, ଚାନ୍ଦିନୀ ଜେନା, ଜଗନ୍ନାଥ ସ୍ତୋତ୍ର କଳ୍ପିତାଶତପଥି, ସୌରଭ ଦେ, ସ୍ନେହାଶିଷ ପ୍ରଧାନ, କ୍ରୀଷ୍ଣା ଦାସ, ଶିଭମ୍ ବାରିକ, ସୁଭମ ଦତ, ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଜିତୁ ଦତ।

# ଆମ ଗାଁ ଭାଗବତ ଟୁଙ୍ଗିର ୬ଷ୍ଠ ପ୍ରତିଷ୍ଠା ଉତ୍ସବ ଓ ଭାଗବତ ଜନ୍ମ ପାଳିତ

ଦୁଗୁଧା(ନିପ୍ର): ଅତିବଡ଼ି ଜଗନ୍ନାଥ ଦାସଙ୍କ ଦ୍ୱାରା ରଚିତ ଓଡ଼ିଆ ଭାଗବତ ଓଡ଼ିଆ ଜନଜୀବନର ମାର୍ଗଦର୍ଶକ, ପରିଚୟ ଓ ଜ୍ଞାନର ଅସୀମ ଭଣ୍ଡାର। ପବିତ୍ର ଇନ୍ଦୁ ପୂର୍ଣ୍ଣିମା ଅବସରରେ ଦୁଗୁଧା ଗ୍ରାମର 'ଆମ ଗାଁ ଭାଗବତ ଟୁଙ୍ଗି' ପକ୍ଷରୁ ଷଷ୍ଠ ପ୍ରତିଷ୍ଠା ଉତ୍ସବ ଓ ପବିତ୍ର ଭାଗବତ ଜନ୍ମ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଦିଅ ନଦୀରେ ଘଟୋତୋଳନ କରାଯାଇଥିଲା। ପରେ ଭାଗବତ ଟୁଙ୍ଗି ପରିସରରେ ପାରମ୍ପରିକ ରୀତିନୀତି ଅନୁଯାୟୀ ହୋମଯଜ୍ଞ ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଏହି ପବିତ୍ର



ଉତ୍ସବରେ ଗ୍ରାମବାସୀଙ୍କ ପାଇଁ ପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା। ଭାଗବତର ଦିବ୍ୟ ଜ୍ଞାନ, ଭକ୍ତି ଓ ଆଧ୍ୟାତ୍ମିକ ଚେତନାକୁ ଜନଜୀବନରେ ଉଜ୍ଜୀବିତ କରିବା ସହ ସମସ୍ତଙ୍କୁ ସତ୍ୟ, ଧର୍ମ ଓ ମାନବିକତାର ପଥରେ ଆଗେଇ ନେବା ଉଦ୍ଦେଶ୍ୟରେ ଗ୍ରାମବାସୀ ଏକଜୁଟ ହୋଇ ଏହି ଉତ୍ସବରେ ସାମିଲ ହୋଇଥିଲେ। ଉତ୍ସବର ସଫଳ ଆୟୋଜନରେ ଚିତରଞ୍ଜନ ନାୟକ, ସୁଶାନ୍ତ ଦାସ, ସତ୍ୟେନ୍ଦୁ ଜେନା, ଦୁଷ୍ମନ୍ତ ବେହେରା, ସୁଶାନ୍ତ ସାମଲ, କୈଳାସ ମହାକୁଡ଼, ସୁକାନ୍ତ ଜେନା, ପ୍ରତାପ ଧୁଙ୍ଗିଆ, ପ୍ରଣବ ମହାପାତ୍ର, ଭଗବତୀ ଜେନା, ମମତା ବିଶ୍ୱାଳ, ଈଶ୍ୱର ବେହେରା, ଆଦିକନ୍ଦ ଧୁଙ୍ଗିଆ, ସୁଷମା ଦାସ, କନକଲତା ନାୟକ, ପରିସ୍ମିତା ଦାସ, ପ୍ରମିଳା ନାୟକ, ମିଲି ନାୟକ, ଗୋବିନ୍ଦ ନାୟକ, ସୁଦର୍ଶନ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଉଦଳା ବିଧାୟକ ଭାସ୍କର ମଢ଼େଇ ମଧ ପରିଦର୍ଶନ ରେ ଆସି ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଗ୍ରାମବାସୀଙ୍କ ସାମୂହିକ ସହଯୋଗ ଓ ଭକ୍ତିମୟ ପରିବେଶ ମଧ୍ୟରେ ଉତ୍ସବଟି ସମ୍ପନ୍ନ ହୋଇଥିଲା।

# ସୁବର୍ଣ୍ଣରେଖା ନଦୀର ଚତୁର୍ଥ ବନ୍ୟା ବିପଦ ସଙ୍କେତ ଉପରେ ବନ୍ୟା ଜଳ ପ୍ରବାହିତ



ବାଲିଆପାଳ(ନିପ୍ର): ସୁବର୍ଣ୍ଣରେଖା ନଦୀର ଚତୁର୍ଥ ବନ୍ୟାଜଳ ଶନିବାର ରାଜଘାଟ ଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେବାରେ ଲାଗିଛି। ଫଳରେ ବାଲିଆପାଳ ବ୍ଲକର ୧୦ ଗ୍ରାମ ପଂଚାୟତର ୫୦ରୁ ଅଧିକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଛି। ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଆସି ସୁବର୍ଣ୍ଣରେଖା ନଦୀ କୂଳିଆ ଗ୍ରାମବାସୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇ ସାରିଲାଣି। ଏଥି ସହିତ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି। ସୁବର୍ଣ୍ଣରେଖାରେ ବନ୍ୟା ଆସିବା ମାତ୍ରେ ବାଲିଆପାଳ ବ୍ଲକ ର ୧୦ ପଂଚାୟତର ପାଖା ପାଖି ୫୦ରୁ ଅଧିକ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଥାଏ। ଚତୁର୍ଥ ବନ୍ୟାରେ ସେହିପରି ବିଷ୍ଣୁପୁର, ବାଲିଆପାଳ, ମଧୁପୁରା, ଜାମକୁଣ୍ଡା, ଅସ୍ତି, ନିଖିରା, ଘଂଟୁଆ, କୁମ୍ଭାରୀ, ଶ୍ରୀରାମପୁରଓ ଦେଭୋଗ ପଂଚାୟତ ରହିଛି। ଏଥି ମଧ୍ୟରୁ ବିଷ୍ଣୁପୁର ପଂଚାୟତର ସମସ୍ତ ଗ୍ରାମ ବିଷ୍ଣୁପୁର, ନୟାବାଲି, ରାମନଗର ରସଲପୁର, ଇକଡ଼ପାଳ, ରାଉତ୍ରାପୁର, ଜାମକୁଣ୍ଡା ପଂଚାୟତର, ତାଳପଦା, କୁହ୍ଲାଚଡ, ଜୁଣପାହି, ନଖପାଳ, ଜାମକୁଣ୍ଡା, ମଧୁପୁରା ପଂଚାୟତର ଚୌଧୁରୀ କୁଦ, ଚରବସ୍ତକାଳରୁଇ, ବାଲିଆପାଳ ପଂଚାୟତର କୁଦମାନସିଂ, କୁଦମାନସିଂଚଡ଼, ଗୁନାପୁର, ଆଠାବାଟିଆ, ତଳବାଲିଆପାଳ, ସୁଙ୍ଗମୁହିଁ, ଅସ୍ତି ପଂଚାୟତର ପାଳଚମ୍ପେଇ, ବଡାପାଳ, ସରଧାସାହି, ସୂର୍ଯ୍ୟପୁର, ପାରଦୀପା, ନିଖିରା ପଂଚାୟତର ପାଳପଡା, ପାଳବେଗୁନିଆ, ମଝିପଡା, କୁମ୍ଭାରୀ ପଂଚାୟତର ଝଲଝଲିଆ, ନୂଆସାହି, ରାଇଡେଙ୍କ, ସୁନାକଣିଆ ଆଦି ଗ୍ରାମ ଗୁଡ଼ିକ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଛି। ଏହି ସବୁ ଗ୍ରାମକୁ ଯାଇଥିବା ରାସ୍ତା ଉପରେ ୩/୪ ଫୁଟର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଲୋକେ ଅଂଟେ ପେଟେ ପାଣିରେ ଯାଆ ଆସ କରି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବଜାରରୁ କିଣି ଘରକୁ ଯାଉଥିବାର ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ ସମସ୍ତ ଅଂଚଳକୁ ଯାତାୟାତ ପାଇଁ ଡ଼ଙ୍ଗା ଯୋଗାଇ ଦିଆଯାଇଥିବା ସହିତ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ବଂଟନ କରିବା ପାଇଁ ସମସ୍ତ ପଂଚାୟତର ସରପଂଚ ଏବଂ ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କଥା ବିଡ଼ିଓ ରାଧାରଞ୍ଜ ଦାସ କହିଛନ୍ତି।

# ଅଧିକ ଯୌତୁକ ଦାବିକରି ବୋହୂକୁ ନିର୍ଯାତନା

ଧାମନଗର(ନିପ୍ର): ଅଧିକ ଯୌତୁକ ଦାବି କରି ବୋହୂ କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ହତ୍ୟା ଉଦ୍ୟମ କରାଯାଇଥିବା ନେଇ ଧୁଷୁରୀ ଥାନାରେ ଅଭିଯୋଗ ହୋଇଛି। ବହୂ ଙ୍କ ଅଭିଯୋଗ ଆଧାରରେ ପୋଲିସ ସ୍ୱାମୀ, ଶ୍ୱଶୁର, ଶାଶୁ ଓ ନଣନ୍ଦଙ୍କ ବିରୋଧରେ ମାମଲା କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁଯାୟୀ, ଧୁଷୁରୀ ଥାନା ଅନ୍ତର୍ଗତ ଖପରପଦା ଗ୍ରାମର ଚୌଧୁରୀ ସେନାଙ୍କ ଝିଅ ସିଲିରାଣୀ ସେନା ୨୦୨୧ ଏପ୍ରିଲ ୧୪ ତାରିଖରେ କୋଠାର ପଂଚାୟତ ଡିଲୋ (ଅର୍ଣ୍ଣପୂର୍ଣ୍ଣା ଛକ) ଗ୍ରାମର ବାବୁରାମ ସେନ ଙ୍କ ପୁଅ ପୁରୁଷୋତମ ସେନଙ୍କୁ ବିବାହ କରିଥିଲେ। ବିବାହ ସମୟରେ କନ୍ୟା ଘର ପକ୍ଷରୁ ନଗଦ ୨୫ ହଜାର ଟଙ୍କା ସହ ସୁନା ଓ ରୂପା ଅଳଙ୍କାର ଏବଂ ଆସବାବପତ୍ର ଦିଆ ଯାଇଥିଲା। ବିବାହର କିଛିଦିନ ପରେ ସ୍ୱାମୀଙ୍କର ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିବା ସିଲିରାଣୀ ଜାଣିବାକୁ ପାଇଥିବା ଏବଂ ଏହାର ପ୍ରତିବାଦ କରିବାରୁ ତାଙ୍କୁ ହତ୍ୟା ଧମକ ଦିଆଯାଇ ଥିବା ସେ ଅଭିଯୋଗ କରିଛନ୍ତି। ପରେ ଗାଡ଼ି କିଣିବା ପାଇଁ ବାପଘରୁ ଆଉ ଏକ ଲକ୍ଷ ଟଙ୍କା ଆଣିବାକୁ ଶ୍ୱଶୁର ଘର ପକ୍ଷରୁ ଦାବି କରାଯାଇ ନିର୍ଯାତନା ଦିଆଯାଉ ଥିବା ମଧ ଅଭିଯୋଗ ହୋଇଛି। ତେବେ ୧୫ ସେପ୍ଟେମ୍ବର ରାତି ପ୍ରାୟ ୮ ଟା ସମୟରେ ସିଲିରାଣୀ ବାପଘରୁ ଫେରିବା ପରେ ସ୍ୱାମୀ ପୁରୁଷୋତମ, ଶ୍ୱଶୁର ବାବୁରାମ, ଶାଶୁ ପାର୍ବତୀ ଓ ନଣନ୍ଦ ମାତାଜୀ ତାଙ୍କୁ ଜୋରଜବରଦସ୍ତ ଏକ କୋଠରୀକୁ ଟାଣି ନେଇଥିବା ସେ ଅଭିଯୋଗ କରିଛନ୍ତି। ଯୌତୁକ ଟଙ୍କା ନଆଣି ବାକୁ କେନ୍ଦ୍ର କରି ଶ୍ୱଶୁର ତାଙ୍କୁ ଅସଦାଚରଣ କରିଥିବା ଏବଂ ଶାଶୁ ଓ ନଣନ୍ଦ ମିଶି ତାଙ୍କ ବେକରୁ ରୂପା ଚେନ ଛଡ଼ାଇ ନେଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ଏହି ସମୟରେ ସ୍ୱାମୀ ଏକ ଶାବଳ ଧରି ତାଙ୍କୁ ଆକ୍ରମଣ କରିବା ସହ ହତ୍ୟା ଉଦ୍ୟମ କରିଥିବା ସିଲିରାଣୀ ଅଭିଯୋଗ କରିଛନ୍ତି। ଘଟଣା ନେଇ ସେପ୍ଟେମ୍ବର ୨୧ ରେ ଧୁଷୁରୀ ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ଏଫଆଇଆର ନମ୍ବର ୪୧୬/୨୦୨୬ ରୁଜୁ କରିଛି। ବିଏନଏସ୍‌ର ଧାରା ୮୫, ୧୨୬(୨), ୧୧୫(୨), ୩୫୧(୨), ୧୦୯(୧), ୩(୫) ସହ ଯୌତୁକ ନିରୋଧ ଆଇନର ଧାରା ୪ ଅନୁଯାୟୀ ମାମଲା ହୋଇଥିବା ଜଣାପଡ଼ିଛି। ଏଫଆଇଆରରେ ପୁରୁଷୋତମ ସେନ, ବାବୁରାମ ସେନ, ପାର୍ବତୀ ସେନ ଓ ମାତାଜୀ ସେନାଙ୍କ ନାମ ରହିଛି। ମାମଲାର ତଦନ୍ତ ଦାୟିତ୍ୱ ସବ୍-ଇନ୍ସପେକ୍ଟର ସୁଜାତା ସାହୁଙ୍କୁ ଦିଆଯାଇଛି।

# ଧର୍ମପରାୟଣା ମହିଳାଙ୍କ ପରଲୋକ

ଖଇରା(ନିପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୋଚିଆକୋଇଲି ଗ୍ରାମର କନକଲତା ମିଶ୍ର(୭୭) ବୁଧବାର ପୂର୍ବାହ୍ନରେ ଆଖି ବୁଜିଛନ୍ତି। ସେ ଗତ ୩ବର୍ଷଧରି କର୍କଟ ରୋଗରେ ପିଡିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ବହୁ ମାଣ୍ୟଗଣ୍ୟ ଗତି ଶେଷ ଦର୍ଶନ କରିଥିଲେ। ତାଙ୍କର ମୁଳ ବାସଭବନ ଔପଦା ବ୍ଲକ ଅଧୀନ ପାଇକପଡା ଗ୍ରାମରେ ହୋଇଥିବା ବେଳେ ସେ ନୟାଖଣ୍ଡି ପଂଚାୟତର କୋଚିଆକୋଇଲି ଠାରେ ରହୁଥିଲେ। ଜିବନବ୍ୟାପି କନକଲତା ଅନ୍ୟମାନଙ୍କୁ ସାହାର୍ଯ୍ୟ ସହଯୋଗ କରି ହୃଦୟର ମଣିଷ ସାଜିଥିଲେ।

**AFFIDAVIT**

By virtue of an affidavit sworn before Executive Magistrate, Balasore dated 01.09.2026, I, Smt. Ambika Raut, aged about 80 years, W/o- Benudhar Rout, resident of At- Kadrabad, Po- Sunhat, Ps- Town, Dist- Balasore, Odisha declare that I have changed my name from Ambika Rout to Ambika Raut. Henceforth, I shall be known as Ambika Raut for all purposes.

Sd/-
**Ambika Raut**

# ବିପଦ ସଂକେତ ଟପିଲା କାଶଂବାଂଶ: ୬୦ରୁ ଉର୍ଦ୍ଧ୍ୱ ଗ୍ରାମ ଜଳବନ୍ଦୀ

ସୋର(ନିପ୍ର)- କାଶଂବାଶଂ ନଦୀରେ ଏବେ ବିପଦ ସଙ୍କେତ ଟପିଲା ଜଳସ୍ତର। ବିପଦ ରେ ବନ୍ୟା ବିପନ୍ନ। ୧୯୯୯ ମସିହା ମହାବାତ୍ୟା ପରେ ଏହା ହେଉଛି ବୃହତ ବନ୍ୟା ପରିସ୍ଥିତି। ବିଶେଷକରି ଉପର ମୁଣ୍ଡରେ ଯଥା- ଖଇରା, ଔପଦା ବ୍ଲକ ରେ ୫ ଦିନ ଧରି ଲଗାଣ ବର୍ଷା ହେବା, କୁପାରି ଶୁଆଶାରୀ ପାହାଡ଼ରେ ବର୍ଷା ପାଇଁ ଅତଡ଼ା ଖସିବା ସହିତ କାଶଂବାଶଂ ନଦୀ ଉପକୂଳ ସୋର ଓ ସିମୁଳିଆ ବ୍ଲକରେ ଶହ ଶହ ଗ୍ରାମ ଜଳମଗ୍ନ ହୋଇଥିବା ଦେଖିବାକୁ ମିଳିଛି। ଶନିବାର ଦିନ ୪ ଟା ପର୍ଯ୍ୟନ୍ତ ସବିରା ପଂଚାୟତର ଧାନବର ଖୁଂଟା, ଧଅଳି, ବାଉଁଶ ଖୁଂଟା, ଦାଣ୍ଡପଲସା, ଚାଳିଶ ମାଡ଼ ଗ୍ରାମ ସହିତ ତଳନଗର ପଂଚାୟତର ବ୍ରାହ୍ମଣ ସବିରା, ବେଲ ସବିରା, ସୁନାରି, ପଦନପଡା, ସାଲମପୁର ସହିତ ଅନ୍ୟାନ୍ୟ ଗ୍ରାମ ଗୁଡ଼ିକ ଜଳମଗ୍ନ ହୋଇ ଯାଇଥିବା ଦେଖିବାକୁ ମିଳିଛି। ଏହା ସହିତ ସାଜନପୁର, ବାଉରିପଦା ପଂଚାୟତର ଅନେକ ଗାଁ ମଧ ଜଳମଗ୍ନ ହୋଇଯାଇଥିବା ଦେଖିବାକୁ ମିଳିଛି। ଅନେକ ଘର ମାନଙ୍କରେ ପାଣି ଘର ଭିତରେ ପଶିଥିବା ଖବର ଆସିଛି। ସୋର ବ୍ଲକ ପ୍ରଶାସନ ତରଫରୁ ଉଦ୍ରାଫ ଟିମ୍ ସହାୟତାରେ ପାଣି ଘେରରେ ରହିଥିବା ଲୋକଙ୍କୁ ଉଧାର କରି ସୁରକ୍ଷିତ ଜାଗାକୁ ନେଇଥିବା ଦେଖିବାକୁ ମିଳିଛି। ଏହି ବନ୍ୟା ହେଉଛି ଚଳିତ ବର୍ଷର ସପ୍ତମ ବନ୍ୟା କିନ୍ତୁ ଚାଷୀକୁଳ ବର୍ତ୍ତମାନ ଚିନ୍ତା ପ୍ରକଟ କରିଛନ୍ତି। କାରଣ ତଳି ପକାଇବା ଠାରୁ ଏପର୍ଯ୍ୟନ୍ତ ଚାଷୀ ମାନେ ଚାଷ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉ ଚାଷ କରିଥିବା ବେଳେ ବର୍ତ୍ତମାନ ଶହ ଶହ ଏକର ଚାଷଜମିରେ ପାଣି ପଶି ଜଳମଗ୍ନ ହୋଇ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ଆଶଙ୍କା ରହିଛି। ଏହା ସହିତ ଗୃହପାଳିତ ପଶୁ ପକ୍ଷୀ ଗୋରୁଗାଇ, ଛେଳି, କୁକୁଡ଼ା ଇତ୍ୟାଦି ଖାଇବା ରଖିବା ଦୁର୍ଦ୍ଦଶା ବଢ଼ିଛି। ପ୍ରଶାସନ ଚାଷୀମାନଙ୍କ ପାଇଁ ସହାୟତା ଯୋଗାଇ ପାଇଁ ଏହି ଅଂଚଳର ବାସିନ୍ଦାଙ୍କ ଦାବି ହେଉଛି।

## ଦିଲ୍ଲୀ ବିଶ୍ୱବିଦ୍ୟାଳୟ

ନାକ ଅଧିସ୍ୱୀକୃତ ଏ++ ଗ୍ରେଡ୍ (ସିଜିପିଏ ୩.୬୫), କ୍ୟାଟେଗୋରୀ (ୟୁଜିସି ଦ୍ୱାରା ୟୁନିଭରସିଟି ଷ୍ଟାଟସ୍ ପୁରସ୍କାର ପ୍ରଦାନ)

## ମୁକ୍ତ ଅଧ୍ୟୟନ ବିକାଶ କେନ୍ଦ୍ର

ଦୂର ତଥା ଅନ୍‌ଲାଇନ୍ ଶିକ୍ଷା କେନ୍ଦ୍ର (ସିଡିଓଇ)
(ମୁକ୍ତ ଅଧ୍ୟୟନରତ ପୂର୍ବବର୍ତ୍ତୀ ବିଦ୍ୟାଳୟ(ଏସଓଏଲ))
ମୁକ୍ତ ଅଧ୍ୟୟନ କ୍ୟାମ୍ପସ, ଦିଲ୍ଲୀ ବିଶ୍ୱବିଦ୍ୟାଳୟ

ଆମେ ପ୍ରଦାନ କରୁଅଛୁ

## ଅନ୍‌ଲାଇନ ବୈଦେଶିକ ଭାଷା ବିଷୟ

ବୈଦେଶିକ ଭାଷା ବିଷୟ — ଅଫ୍ ଲାଇନ୍ ଓ ଅନ୍‌ଲାଇନ୍ ଭାବେ ପ୍ରଦାନ

| | | | |
|---|---|---|---|
| ଆରବିକ୍ | ଚାଇନିଜ୍ | ଫ୍ରେଂଚ | ଜର୍ମାନ |
| ଇଟାଲିଆନ | ଜାପାନିଜ୍ | କୋରିଆନ | ପାର୍ସିଆନ୍ |
| ପର୍ତୁଗୀଜ | ରସିଆନ୍ | ସ୍ପେନିସ୍ | |

ଭାଷା ବିଷୟରେ ଆଡ୍‌ମିସନ୍ ପାଇଁ ସ୍କାନ ପଞ୍ଜିକରଣ କରନ୍ତୁ

ବିଷୟଗୁଡ଼ିକ ଅନ୍‌ଲାଇନ ମୋଡ଼ରେ ପ୍ରଦାନ କରାଯିବ ଏବଂ ପରୀକ୍ଷା ଗୁଡ଼ିକ ଅନ୍‌ଲାଇନ କିମ୍ବା ଅଫ୍ ଲାଇନ୍ ଭାବେ କରାଯିବ (ଉଦ୍ଦିଷ୍ଟ ପରୀକ୍ଷା କେନ୍ଦ୍ର ଗୁଡ଼ିକ ସମସ୍ତ ରାଜ୍ୟର ରାଜଧାନୀରେ ହେବ)

ସୁଦୂର ଅଂଚଳରେ ରହୁଥିବା ଛାତ୍ର ଛାତ୍ରୀଗଣ ଓ ପେଷାଦାର କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ପାଇଁ ଏକ ସୁବର୍ଣ୍ଣସୁଯୋଗ।

ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ପ୍ରମାଣପତ୍ର ମିଳିବାର ଏକ ବିରାଟ ସୁଯୋଗ।

ଯୋଗାଯୋଗ ସବିଶେଷ: ଫୋନ୍ ନଂ.:୦୧୧-୬୫୨୧୩୦୩୦, ୦୧୧-୩୫୬୬୩୪୭୪ ଇମେଲ ଆଇଡି: cifl@oldcdu.ac.in | cifl.oldcdu.ac.in

CBC 21334/11/0001/2627











# ବିପ୍ଳବୀ ଭଗତ ସିଂ

◆ ଅକ୍ଷୟ କୁମାର ରାଉତ



## ଜନ୍ମ ଜୟନ୍ତୀ ଉପଲକ୍ଷେ

ପବିତ୍ରବୀରଭୂମିଭାରତ ଯାହାର ପ୍ରାଚୀନ ଐତିହସଂସ୍କୃତି, ଗୌରବସମ୍ବଳିତ, ଯେଉଁଠାରେଜନ୍ମନେଇଥିଲେ ପର୍ଶୁରାମ, ରାମ ଓ ବଳରାମ ।ସେହି ପୂନ୍ୟଭୂମିରେ ଦେଶପ୍ରେମମାନବର ଏକ ମହନୀୟ ପ୍ରବୃତି । ଦେଶପ୍ରେମ ଏକ ଦିବ୍ୟଚେତନା ।ଯେଉଁ ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇଚବିଶବର୍ଷରସାହସୀ ଯୁବକଟିଏହସିହସି ଫାଶୀଖୁ□ରେଝୁଲିସହିଦ ହୋଇଗଲାତାର ନାମଭଗତ୍‌ସିଂ । ୧୯୦୭ ମସିହାସେପ୍ଟମ୍ବରମାସ ୨୭ ତାରିଖରେ ପାବରଲୟାଲପୁରଜିଲ୍ଲା (ବର୍ତମାନର ପାକିସ୍ତାନ) ବଙ୍ଗାଗ୍ରାମର ସର୍ଦ୍ଦାରକିଷନ୍‌ସିଂ ଓ ବିଦ୍ୟାବତୀକୋଳମଣ୍ଡନ କଲେ ଦେଶ ପ୍ରେମୀସାହାସୀ ଭଗତ୍‌ସିଂ । ଭଗତ୍‌ସିଂଜେଜେବାପା ଅର୍ଜ୍ଜୁନ୍‌ସିଂ ଇଂରେଜ ଶାସନକୁଘୃଣା କରୁଥିଲେ । ତାଙ୍କର ପ୍ରଭାବ ପିଲାମାନଙ୍କଉପରେ ପଡିଥିଲା । ବିଦ୍ରୋହରେ ଯୋଗ ଦେଇ ସର୍ଦ୍ଦାରକିଷନ୍‌ସିଂ ଓ ତାଙ୍କରଦୁଇଭାଇଜେଲ୍‌ଭୋଗିଲେ ।ସେମାନେ ବନ୍ଦୀଶାଳାରେ ଥିବାସମୟରେଭଗତ୍‌ସିଂଜନ୍ମଗ୍ରହଣକରିଥିଲେ ।ଭଗତ୍‌ସିଂ ପ୍ରଥମେ ଖାଲସାସ୍କୁଲ, ପରେଲାହୋରର ଆଂଗ୍ଲୋବେଦିକ୍‌ସ୍କୁଲରେ ପାଠ ପଢିଲେ । ସେହିସ୍କୁଲରେମାଟ୍ରିକୁଲେଶନ ପାଶ୍‌କରିବା ପରେଲାହୋର ନ୍ୟାସନାଲକଲେଜରେ ପାଠ ପଢିଲେ । ସେକଲେଜରେ ବିପ୍ଳବୀଛାତ୍ରସୁଖଦେବ ଓ ଯଶ ପାଲଙ୍କସହିତତାଙ୍କର ପରିଚୟହେଲା । ଭଗତ୍‌ସିଂନବମ ପଢୁଥିବାସମୟରେ କାନପୁରଠାରେବସିଥିବାକଂଗ୍ରେସ ଅଧିବେଶନରେଯୋଗଦେଲେ । ୧୪ ବର୍ଷର ପିଲାଟିଇଂରେଜ ସରକାରଙ୍କ ଅତ୍ୟାଚାରସହି ନପାରି ପାବରବିପ୍ଳବୀ ଦଳରେମିଶି ପ୍ରତିବାଦ ଆରମ୍ଭ କରିଦେଲେ । ସେକହୁଥିଲେ ' ରକ୍ତ ବଦଳରେରକ୍ତ' ନ୍ୟାସନାଲକଲେଜରବାତାବରଣ ଥିଲା ଦେଶପ୍ରେମ ଓ ଦେଶଭକ୍ତିର ପରିବେଶ । ଏହିକଲେଜର ଉଦ୍ଦେଶ୍ୟଥିଲା । ସ୍ୱରାଜ୍ୟଲାଭ ପାଇଁକର୍ମୀତିଆରିକରିବା । ଏହିକଲେଜର ଛାତ୍ରମାନେ ସରଳ ନିଡାମ୍ବରଜୀବନଯାପନ ସାଙ୍ଗକୁ ନିଜକାମ ନିଜେକରୁଥିଲେ । ଦିନେ ଭଗତ୍‌ସିଂ, ଯଶପାଲଙ୍କ ସାଥିରେରାବି ନଦୀରେ ସନ୍ଧ୍ୟା ସମୟରେନୌକାବିହାର କରୁଥିଲେ ।ହଠାତ୍ ଯଶପାଲକହିଲେଭଗତ୍ ଆମେ ଆଜିଉଭୟ ଦେଶ ପାଇଁଜୀବନ ଦେବାକୁ ପଣ କରିବା ।ଭଗତ୍‌ସିଂ ପ୍ରତିଜ୍ଞାକଲେଉଭୟ ଦେଶ ପାଇଁଲଢିବା, ଇଂରେଜଶାସନ କବଳରୁ ଦେଶକୁମୁକ୍ତକରିବା । ଦେଶ ମାତୃକା ପାଇଁଜୀବନ ଦେଇ ଦେବା । ଉଭୟବନ୍ଧୁଙ୍କରରାବି ନଦୀରଜଳ ରାଶିଉପରେ ପ୍ରତିଜ୍ଞା ଦିନେ ଫଳବତୀହେଲା । ପରାଧିନତାର ଶୃଙ୍ଖଳରେ ଶୋଇଥିବା ଦେଶକୁଉଠାଇବକିଏ ? ଭଗତ୍‌ସିଂ ଓ ତାଙ୍କରକିଛି ବନ୍ଧୁମିଶି ' କୃଷ୍ଣ ବିଜୟ' ନାମରେ ଏକ ନାଟକ ଅଭିନୟକଲେ ।ଏହି ନିଟକରେ ଇଂରଜେମାନଙ୍କୁ କୌରବ ଓ କଂଗ୍ରେସକୁ ପାଣ୍ଡବଭାବରେ ବର୍ଣ୍ଣନାକରାଗଲା ।ଏହି ନାଟକଟିସରକାରଙ୍କ ବିରୋଧି ହେଲା । ଇଂରେଜସରକାର ନାଟକଟିକୁବେଆଇନ ଘୋଷଣାକଲେ । ୧୯୨୬ ମସିହାରେ ଭଗତ୍‌ସିଂ ଏଫ.ଏ ପାଶକରିବି.ଏଶ୍ରେଣିରେ ନାମ ଲେଖାଇଲେ । ଏଠାରେ ପ୍ରସିଦ୍ଧ ବିପ୍ଳବୀଶଚୀନ୍ଦ୍ର ନାଥ ସାନ୍ୟାଲଙ୍କର ସେଥିଲେ ଅତିବିଶ୍ୱସ୍ତ । ଶଚୀନ୍ଦ୍ରତାଙ୍କବହି 'ବନ୍ଦୀଜୀବନ'ରେ ଭଗତ୍‌ସିଂଙ୍କବିଷୟରେଲେଖିଛନ୍ତି । ଭଗତ୍‌ସିଂଙ୍କ ଛାତ୍ରଜୀବନର ପୂର୍ଣ୍ଣଛେଦ ପଡିଲା । ପିତାକିଷନ୍‌ସିଂବଡ ପୁଅ ଜଗତ୍‌ସିଂଙ୍କର ମୃତ୍ୟୁପରେବୋହୂଟିଏ ଆଣିବାକୁ ମନସ୍ତକରିଥିଲେ । କିନ୍ତୁତାହାହୋଇପାରିଲା ନାହିଁ । ଭଗତସିଂ ଦେଶ ମାତୃକାରସେବା ପାଇଁବିବାହ ବନ୍ଧନକୁ ଆଡେଇ ଦେଇଥିଲେ । ସେବିଭାହୁଅନ୍ତେ କିପରି ? ଦେଶ ପାଇଁଜୀବନ ଦେବାକୁ ପଣ କରିଛନ୍ତି ।ବିବାହ ବନ୍ଧନକୁ ଆଡେଇ ଦେଇ ନିଖୋଜ ହୋଇଗଲେ । ପିତାଙ୍କ ନିକଟକୁଲେଖିଥିବାଚିଠିରେ ଦେଶ ମାତୃକାରସେବା ଥିଲାତାଙ୍କର ପ୍ରଧାନ ଆଭିମୁଖ୍ୟ । ଦେଶଭକ୍ତ ପିତାଚିଠିଟି ପଢିଖୁସିରେ ଆଖିରୁ ଦୁଇଟୋପାଲୁହ ନିଗାଡି ଦେଇଥିଲେ ।କିଛି ଦିନପରେକିଷନ୍‌ସିଂ ପୁତ୍ର ନିକଟକଚିଠିଲେଖିଲେ । ଜେଜେମାଙ୍କ ଦେହ ଖରାପ ଓ ତୋତେବିଭାଦେବାକୁବାଧ କରାଯିବ ନାହିଁ ।ଛମାସ ପରେଭଗତ୍‌ସିଂଘରକୁ ଫେରିଜେଜେମାରସେବାକଲେ । ଗଙ୍ଗାନଦୀରେବନ୍ୟା ଆସିଥାଏ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହିତ ଭଗତ୍‌ସିଂ ବନ୍ୟାଦ୍ୱାରା କ୍ଷତିହୋଇଥିବା ଲୋକମାନଙ୍କ ସେବାରେ ଲାଗିପଡଲେ । ଏହିସମୟରେ ତାଙ୍କରବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍‌ଙ୍କସହିତ କାନପୁରଠାରେ ସାକ୍ଷାତହେଲା ।ଏହିସାକ୍ଷାତ ଏକ ଗୁରୁତ୍ୱପୂର୍ଣ୍ଣମୂର୍ହୁତଥିଲା । ସତେ କଣ ମଣୀକାଂଚନର ଅପୂର୍ବମିଳନ ଘଟିଲା । ଦଶହରା ପର୍ବ, ମା ଦୁର୍ଗାଙ୍କ ପୂଜାଚାଲିଯାଏ ।ଲାହୋରରେ 'ରାମଲୀଳା' ଉତ୍ସବରେଲୋକମାନଙ୍କଉପରେବୋମାମାଡହେଲା । ପାବପୋଲିସ୍‌ବାହିନୀର ଅତ୍ୟାଚାରରେଗିରଫ ହେଲେ ୧୯ ବର୍ଷରଭଗତସିଂ । ବିନାଦୋଷରେବନ୍ଦୀଜୀବନ କଟାଇଲେ ବ୍ରୋଷ୍ଟଲ ଜେଲର ଅନ୍ଧକାରଗୃହମଧ୍ୟରେ । ମାଜିଷ୍ଟ୍ରେଟଷାଠିଏହଜାରଟଙ୍କାବନ୍ଧକ ଦେଇ ଜାମିନରେ ଛାଡିଦେବାକୁରାୟ ଦେଲେ ।ତାଙ୍କର ପଇସାର ଅଭାବ ନଥିଲା । ଅନ୍ୟାୟକୁ ପ୍ରଶୟ ଦେଲେ ନାହିଁ ।ଶେଷରେ ଉଚ୍ଚ ଅଦାଲତରେ ନିର୍ଦ୍ଦୋଷରେଖଲାସହେଲେ । ୧୯୨୮ମସିହାରେ 'ସାଇମନ କମିଶନନ୍ତ ଭାରତ ଆସିଥିଲେ । ଏହି କମିଶନରେ ସାତଜଣ ସଭ୍ୟକେହିଭାରତୀୟ ନଥିଲେ ।ଭାରତୀୟମାନେ ଏହାକୁବିରୋଧ କଲେ । ଲାଲାଲଜପତ୍‌ରାୟଙ୍କ ନେତୃତ୍ୱରେ ଲୋକମାନେ ଆନ୍ଦୋଳନ କଲେ । ବିକ୍ଷୋଭକାରୀମାନଙ୍କଉପରେପୋଲିସ୍‌ସୁପରିନ୍‌ଟେଣ୍ଡଟ୍‌ସ୍କଟ୍ ଓ ଯେ. ପିସାଣ୍ଡର୍ସସାହେବ ଲାଠି ଚଳାଇଲେ । ଏହି ଲାଠିମାଡରେ ଲାଲାଲଜପତ୍‌ରାୟ ୧୯୨୮ ମସିହା ନଭେମ୍ବର ୧୭ ତାରିଖରେ ପ୍ରାଣହରାଇଥିଲେ । ଦେଶରେ ଶୋକରଛାୟା ଖେଳିଗଲା । ଭଗତ୍‌ସିଂକାନ୍ଦି ଉଠିଲେ । ପ୍ରତିଶୋଧ ନେବା ପାଇଁ ନ୍ତ ହିନ୍ଦୁସ୍ଥାନ ସୋସାଲିଷ୍ଟରିପବ୍ଲକାନ୍ ଆର୍ମି ନ୍ତ ନାମକ ଏକ ସଙ୍ଗଠନ ଗଢାହେଲା । ଏଥିରେଚନ୍ଦ୍ରଶେଖର ଆଜାଦ୍, ସୁଖଦେବ,ଦୁର୍ଗାଦେବୀ ଓ ଭଗତସିଂ ଆଦି ବିପ୍ଳବୀଯୋଗଦେଲେ ।୧୯୨୮ ଡିସେମ୍ବର ୨୭ ତାରିଖ ଦିନ ପାବ ସଚିବାଳୟସାମ୍ନାରେ ଯେ.ପିସାଣ୍ଡର୍ସ ଓ ଜଣେ ଗୋରା କନେଷ୍ଟବଲକୁହତ୍ୟାକରାଗଲା ।ଏହାରମୁଖ୍ୟନାୟକ ଥିଲେଭଗତ୍‌ସିଂ । ରାଜଗୁର, ସୁକଦେବ, ଦୁର୍ଗାଦେବୀ ଓ ଭଗତ୍‌ସିଂ ଛଦ୍ମବେଶରେପୋଲିସ୍ ଆଖିରେ ଧୂଳିଦେଇ କଲିକତା ପଳାଇଗଲେ । ଖଟିଖିଆଶ୍ରମିକ ମାନଙ୍କବିରୁଦ୍ଧରେ ଏକ ବିଲ୍‌ବିଧାନସଭାରେ ଆଗତହେଲା । ଏହାକୁ ବିରୋଧ କରିଭଗତ୍‌ସିଂ ବିପ୍ଳବୀବନ୍ଧୁମାନଙ୍କୁନେଇବିଧାନସଭାରେ ଦୁଇଟିବୋମା ପକାଇଦେଲେ । ଗୋରାସାହେବମାନେ ଜୀବନ ବିକଳରେ ପଳାଇ ଗଲେ ।ବିପ୍ଳବୀମାନଙ୍କ ନ୍ତଇନ୍‌କିଲାବଜିନ୍ଦାବାଦ୍‌ନ୍ତ ଧ୍ୱନିରେବିଧାନସଭା ପ୍ରକମ୍ପିତହେଲା ।ଭଗତ୍‌ସିଂ ଓ ଅନ୍ୟାନ୍ୟବିପ୍ଳବୀ ମାନେ ପୋଲିସହାତରେ ଧରାପଡିଗିରଫ ହେଲେ । ଜେଲର ଚାରିକାନ୍ଥଭିତରେଭଗତସିଂଙ୍କଉପରେହେଲା ଅତ୍ୟାଚାର । ବନ୍ଦୀଜୀବନରେଭଗତ୍‌ସିଂବହୁତବହି ପଢୁଥିଲେ । ୧୯୩୦ ମସିହାରେତିନିବିପ୍ଳବୀବନ୍ଧୁସୁଖଦେବ ଓ ଶିବରାମସହିତଭଗତ୍‌ସିଂଙ୍କୁ ଫାଶୀଦଣ୍ଡ ଆଦେଶହେଲା । ଫାଶୀ ଦଣ୍ଡ କଥା ଶୁଣି ଦେଶରଲୋକମାନେ ଆନ୍ଦୋଳନ ଆରମ୍ଭ କରିଦେଲେ । ୧୯୩୧ ମସିହା ମାର୍ଚ୍ଚ ୩ ତାରିଖ ଦିନ ଭଗତ୍‌ସିଂଙ୍କବାପାମାଆ ଓ ଅନ୍ୟମାନେ ଭଗତ୍‌ସିଂଙ୍କୁ ଦେଖାକଲେ ।ଭଗତ୍‌ସିଂତାଙ୍କମାଙ୍କୁକହିଲେ ନ୍ତ ଫାଶୀ ପରେ ମୋର ଶବକୁନେବା ପାଇଁ ଆସିବ ନାହିଁ । ଜଣେ ବିପ୍ଳବୀବୀରର ମାଆହିସାବରେକାନ୍ଦିବ ନାହିଁ । ନ୍ତ ଏହାକହିହସିଉଠିଥିଲେ । ୧୯୩୧ ମସିହାମାର୍ଚ୍ଚ ୨୩ ତାରିଖ ଦିନ ଭଗତ୍‌ସିଂ, ସୁଖଦେବ, ରାଜଗୁରୁଙ୍କର ଥିଲାଶେଷ ଦିନ । ଭଗତ୍‌ସିଂକହିଲେ-ନ୍ତମାଜିଷ୍ଟ୍ରେଟସାହେବ । ଆଜି ଆପଣ ନିଜ ଆଖିରେ ଦେଖିବାକୁସୁଯୋଗ ପାଇଛନ୍ତିବିପ୍ଳବୀକିପରି ନିଜ ଆଦର୍ଶରକ୍ଷାକରୁଛି ।ହସିହସିମୃତ୍ୟୁକୁ ଆଲିଙ୍ଗନ କରୁଛିନ୍ତ ଭଗତ୍‌ସିଂସାଥିମାନଙ୍କସହ ଫାଶୀମଂଚଉପରକୁଉଠି ପଡିଲେ ।ଫାଶୀ ଦଉଡିକୁଚୁମ୍ବନଦେଇ ନ୍ତଇନକିଲାବ୍‌ଜିନ୍ଦାବାଦ ସାମ୍ରାଜ୍ୟବାଦ ମୁର୍ଦ୍ଦାବାଦନ୍ତ । ଭଗତ୍‌ସିଂ ଓ ଦୁଇବନ୍ଧୁ ନିଜବେକରେ ଫାଶୀ ଦଉଡିଗଳେଇ ଦେଇ ଘାତକୁକହିଲେ ନ୍ତ ଦୟାକରିତୁମେ ଏ ଫାଶୀକୁଠିକ କରିଦିଅନ୍ତ ।ସେଠାରେ ଥିବା ସମସ୍ତ ଗୋରାସାହେବ ଏହିତିନିବନ୍ଧୁଙ୍କରସାହସ ଦେଖିକାନ୍ଦି ପକାଇଥିଲେ । ଭାରତମାତାର ଏହିତିନିବୀରଦେଶ ମାତୃକାରଚରଣତଳେ ଅର୍ପିତହୋଇଗଲେ । ତାଙ୍କର ଆଦର୍ଶ, ଦେଶପ୍ରେମ ଓ ଆତ୍ମବଳିର ପଟାନ୍ତର ନାହିଁ ।ଭଗତ୍‌ସିଂମରି ମଧ୍ୟ ଆଜି ଅମର, ଆଜିଭାରତରମାଟି, ପାଣି, ପବନରେତାଙ୍କର ବଳିଦାନର ଅପୂର୍ବଗାଥା ଗୁରିତହୋଉଛି ଓ ଭବିଷ୍ୟତରେହେଉଥିବ ।

*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର, ମୋ-୯୯୩୭୬୯୧୪୭୫*

## ଲଙ୍ଗଳେଶ୍ୱର ଡାକ୍ତରଖାନା ମୁଖ୍ୟ ରାସ୍ତାରୁ ବର୍ଷାପାଣି ନିଷ୍କାସନ ଦାବିରେ ରାସ୍ତାରୋକ ଓ ଧାରଣା

### ବାଲିଆପାଳ ତହସିଲଦାରଙ୍କ ପ୍ରତିଶୃତି ପରେ ରାସ୍ତା ରୋକ ଓ ଧାରଣା ପ୍ରତ୍ୟାହୃତ

ବାଲିଆପାଳ (ନିପ୍ର) : ବାଲିଆପାଳ ବ୍ଲକ ଅନ୍ତର୍ଗତ ବଣିଆଡିହା ପଂଚାୟତ କଂଗ୍ରେସ ସଭାପତି କମଳାକାନ୍ତ ଦାସଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ଶୁକ୍ରବାର ଲଙ୍ଗଳେଶ୍ୱର ଡାକ୍ତର ଖାନା ଓ ଲଙ୍ଗଳେଶ୍ୱର ଜାମଶୁଳି ମୁଖ୍ୟ ରାସ୍ତାରୁ ବର୍ଷା ପାଣି ନିଷ୍କାସନ ଦାବିରେ ଲଙ୍ଗଳେଶ୍ୱର ଡାକ୍ତର ଖାନା ସମ୍ମୁଖରେ ଧାରଣା ସହିତ ରାସ୍ତା ରୋକ ଆନ୍ଦୋଳନ ଅନୁଷ୍ଠିତ ହୋଇ ଥିଲା ।ବାଲିଆପାଳ ତହସିଲଦାର ଙ୍କ ପ୍ରତିଶୃତି ପରେ ରାସ୍ତା ରୋକ ଓ ଧାରଣା ପ୍ରତ୍ୟାହୃତ ହୋଇଛି ।ସାମାନ୍ୟ ବର୍ଷା ହେଲେ ଲଙ୍ଗଳେଶ୍ୱର ଜାମଶୁଳି ରାସ୍ତା ବିଭିନ୍ନ ସ୍ଥାନରେ ବର୍ଷା ପାଣିରେ ବୁଡିଯିବାରୁ ଯାତାୟତ ବାଧାପ୍ରାପ୍ତ ହେଉଛି । ସେହି ପରି ୨ମାସ ଧରି ଲଙ୍ଗଳେଶ୍ୱର ଡାକ୍ତର ଖାନାରେ ବର୍ଷା ଜଳ ନିଷ୍କାସନ



ହୋଇ ନପାରି ଜମି ରହି ଥିବାରୁ ରୋଗୀ ସେବା ବାଧାପ୍ରାପ୍ତ ହୋଇଆସୁଅଛି । ପ୍ରଶାସନ ନିରବ ଦ୍ରଷ୍ଟା ସାଜି ସବୁ ଦେଖୁଛି । ମାତ୍ର ଏହାର ପ୍ରତିକାର ପ୍ରତି ପ୍ରଶାସନର ଦୃଷ୍ଟି ନାହିଁ ।ଏହି ଆନ୍ଦୋଳନରେ ବସ୍ତା ନିର୍ବାଚନ ମଣ୍ଡଳୀୟ ର କଂଗ୍ରେସ ନେତା ବିଜନ ନାୟକ ଯୋଗ ଦେଇ କହିଥିଲେ ପ୍ରଶାସନ କୁ ଏ ବିବାଦରେ ବାରମ୍ବାର ଅବଗତ କରାଯାଇ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ଆଜି ଡାକ୍ତର ଖାନା ସମ୍ମୁଖରେ ଧାରଣା ସହିତ ରାସ୍ତା ରୋକ ଆନ୍ଦୋଳନ କରଯାଇଛି । ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଏବଂ ଲଙ୍ଗଳେଶ୍ୱର ଜାମ ଶୁଳି ରାସ୍ତାରୁ ବର୍ଷା ପାଣି ନିଷ୍କାସନ ର ସ୍ଥାୟୀ ପ୍ରତୀକର କରା ନଯିବା ଯାଏ ଆନ୍ଦୋଳନ ଜାରି ରହିବ । ଏହି ଆନ୍ଦୋଳନ ରେ ବରିଷ୍ଠ କଂଗ୍ରେସ ନେତା ସୁଧାଂଶୁ ଜେନା, ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ସଭାପତି ସୁବାସ ନାୟକ, ବସ୍ତା ର୍ନ୍ଦ୍ୱାଚନ ମଣ୍ଡଳୀର ଯୁବକଂଗ୍ରେସ ସଭାପତି ତ୍ରିଥ କୁମାର ନାଗ, ସଦସ୍ୟ ଶାନ୍ତନୁ କୁମାର ମହାପାତ୍ର, , ବାଣିଆଡ଼ିହା ସରପଂଚ କାଳିଚରଣ ଜେନା, କଂଗ୍ରେସ ନେତା ଜଗତ ଜୀବନ ଦାସ ଙ୍କ ସହିତ ସ୍ଥାନୀୟ କଂଗ୍ରେସ ନେତା ଓ କର୍ମୀ ରାସ୍ତା ରୋକ ଆନ୍ଦୋଳନ କରିଥିଲେ ।ଖବର ପାଇ ବାଲିଆପାଳ ତହସିଲଦାର ଘଟଣା ସ୍ଥଳରେ ପହଂଚି ଆନ୍ଦୋଳନ କରିଙ୍କୁ ବୁଝା ଶୁଝା କରି ଜଳ ନିଷ୍କାସନ ନିର୍ଭର ପ୍ରତିଶୃତି ପରେ ଧାରଣା ଓ ରାସ୍ତା ରୋକ ହଟିଥିଲା ।

## ଫିନେଷ୍ଟାର ବାରିପଦାରେ ନୂତନ ସୋ ରୁମ ର ଶୁଭ ଉଦ୍ଘାଟନ



ବାରିପଦା : ବାରିପଦା ସହରରେ ନୁଆ କରି ଖୋଲିଲା ଫିନେଷ୍ଟା କମ୍ପାନୀ ର ସୋ ରୁମ୍ । ଅତ୍ୟାଧୁନିକ ଏହି ସୋ ରୁମ୍ ବାରିପଦା ସହର ର ୧୮ ନଂ ଜାତୀୟ ରାଜପଥ ର ଦାରୋଘାଡାହି ଗୋଲେଇ ରେ ଏହି ସୋ ରୁମ୍ ର ନୁଆ ଆଉଟଲେଟ ଖୋଲାଯାଇଛି । ଫର୍ଣ୍ଣିଚର ୱାର୍ଲ୍ଡ ତଥା ଚନ୍ଦନ ଏଂଟ୍ରାଇଜେସ ର ଉପର ମହଲାରେ ଏହି ଫିନେଷ୍ଟା ର ସୋ ରୁମ୍ ରେ ଆଲୁମିନିୟମ ଡୋର,ୟୁପିଭିସି ଡୋର,ୱ୍ବୁପିସି ଡୋର ସହ ଉଡେନ ଡୋର ଏବଂ ୱିଣ୍ଡୋ ମଧ ଉପଲବ୍ଧ କରାଯାଇଛି । ଗୁରୁବାର ମାହେନ୍ଦ୍ର ବେଳାରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଙ୍କ କରକମଳରେ ଏହି ସୋ ରୁମ୍ ର ଶୁଭ ଉଦଘାଟନ କରାଯାଇଥିଲା । କମ୍ପାନୀ ର ଓଡିଶା ମୁଖ୍ୟ ସ୍ମୃତି ରଞ୍ଜନ ମହାନ୍ତି, ଆଂଚଳିକ ମୁଖ୍ୟ ଅନ୍ତର୍ଯ୍ୟାମୀ ପ୍ରଧାନ, ସ୍ଥାପନା ମୁଖ୍ୟ ସତ୍ୟବାନ ସେନାପତି ଙ୍କ ସହ ସୋ ରୁମ୍ ର ମାଲିକ ସସ୍ମିତା ପଣ୍ଡା, ଏବଂ ଫର୍ଣ୍ଣିଚର ୱାର୍ଲ୍ଡ ର ମାଲିକ ଚନ୍ଦନ ପଣ୍ଡା ଏବଂ ମୟୁରଭଞ୍ଜ ଜିଲ୍ଲା ର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଫିନେଷ୍ଟା ର ବାରିପଦା ସୋ ରୁମ୍ ମାଲିକ ସୁସ୍ମିତା ପଣ୍ଡା କହିଛନ୍ତି କି ଫିନେଷ୍ଟା ଭାରତର ବଜାର ର ଏକ ନଂ କମ୍ପାନୀ ଏବେ ବାରିପଦା ବାସିନ୍ଦା ଙ୍କ ହାତ ପାଖରେ,ଏହି ବ୍ରାଣ୍ଡ ର ସମସ୍ତ ଉପକରଣ ଲୋକଙ୍କ ପାଖରେ ସୁବିଧା ଏବଂ କମ୍ ମୂଲ୍ୟରେ ପହଂଚାଇବାକୁ ଏହି ସୋରୁମ ର ମୂଳ ଲକ୍ଷ ରଖିଛି ।, ପ୍ରଥମ ଦିନ ରେ ଅତ୍ୟାଧୁନିକ ଘର ପାଇଁ ଉପକରଣ ଉପସ୍ଥିତ ଗ୍ରାହକଙ୍କ ମନ ଛୁଇଁ ପାରିଥିଲା । ଗୋଟିଏ ଛାତ ତଳେ ଗ୍ରାନାଇଟ ,ଉନ୍ନତ କମ୍ପାନୀ ର ଟାଇଲ ଠୁ ଆରମ୍ଭ କରି ମଡୁଲାର କିଚେନ ଏବଂ କବାଟ,ଝରକା ଏବଂ ସୋଫା,ଡାଇନିଙ୍ଗ ଟେବୁଲ ଏବଂ ଘର ର ସୈନ୍ଦର୍ଯ୍ୟ ପାଇଁ ଅନେକ ହୋମ ଡେକରେଟିଭ ସାମଗ୍ରୀ ଏଠାରେ ମିଳିପାରିବ ବୋଲି କହିଛନ୍ତି ଚନ୍ଦନ କୁମାର ପଣ୍ଡା ।

## ପୁଣି ଫୁଲୁଛି ସୁବର୍ଣ୍ଣରେଖା : ତଳିଆ ଅଂଚଳ ଜଳମଗ୍ନ ହେବାରେ ଲାଗିଛି



ବାଲିଆପାଳ : (ନିପ୍ର) କିଛି ଦିନଧରି କ୍ରମାଗତ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ଶୁକ୍ରବାର ମଧ୍ୟାହ୍ନରୁ ସୁବର୍ଣ୍ଣରେଖା ନଦୀ ପୁଣି ଫୁଲିବାରେ ଲାଗିଛି ।ରାଜଘାଟ ଠାରେ ସତର୍କ ସଂକେତ ୯.୪୫ ମିଟର ଏବଂ ବିପଦ ସଂକେତ ୧୦.୩୬ ମିଟର ଥିବା ବେଳେ ଆଜି ଅପରାହ୍ନ ପାଂଟା ସମୟ ରେ ସୁବର୍ଣ୍ଣରେଖା ନଦୀରେ ଜଳସ୍ତର ୯.୩୦ ମିଟର ରହି ପ୍ରବାହୀତ ହେଉଛି । ଏହା ସତର୍କ ସଂକେତ ତଳେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ମୁକୁଳା ନଦୀ ବନ୍ଧ ପାଇଁ ବାଲିଆପାଳ ବ୍ଲକର ତଳିଆ ଅଂଚଳ ଜଳ ମଗ୍ନ ହେବାରେ ଲାଗିଛି । ଉପର ମୁଣ୍ଡରେ ଗତ କିଛି ଦିନ ହେବ ଲଗାତାର ଭାବରେ ଲଘୁଚାପ ଜନିତ ବର୍ଷା ହେବା ଫଳରେ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ଏଥି ପାଇଁ ବାଲିଆପାଳ ବ୍ଲକର ତଳିଆ ଅଂଚଳ ବିଷ୍ଣୁପୁର ପଂଚାୟତ ବିଷ୍ଣୁପୁର , ନୟାବାଲି, ଇକଡପାଳ, ରସଲପୁର, ରାଉତ୍ରାପୁର, ଜାମକୁଣ୍ଡା ପଂଚାୟତର ତାଳପଦା, କୁହ୍ଲାଚଡ, ଲଖପାଳ, ପାଳଜାମକୁଣ୍ଡା, କାଳରୁଇ ଓ ବାଲିଆପାଳ ପଂଚାୟତର ତଳବାଲିଆପାଳ, ସୁଙ୍ଗମୁହଁ, କୁଦମାନସିଂହ, ଆଠବାଟିଆ ମଧୁପୁରା ପଂଚାୟତର ଚଡବସ୍ତ କାଳରୁଇ, ଚୌଧୁରୀକୁଦ, ଅସ୍ତି ପଂଚାୟତର ପାଳଚମ୍ପେଇ ଶରଧାସାହି, ଚଡବଢ଼ାପାଳ, ସୁର୍ଯାପୁର, କଂଟାବଣି ଆଦି ଗ୍ରାମଗୁଡିକରେ ବନ୍ୟା ଜଳ ପଶିବାରେ ଲାଗିଛି । ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ପନ୍ଦର ଦିନ ମଧ୍ୟରେ ତିନି ତିନି ଥର ବନ୍ୟା ଆସି ଲୋକଙ୍କୁ ନାକେ ଦମ କରିଥିଲା । ବନ୍ୟା ପାଣି ଲୋକଙ୍କ ଘରେ ପସି ବହୁ କ୍ଷୟ କ୍ଷତି ଘଟାଇ ଥିଲା । ଏହି ଭୟ ଲୋକଙ୍କ ମନରୁ ଲିଭି ନଥିବା ବେଳେ ପୁଣି ପୁଣି ଆଜି ସୁବର୍ଣ୍ଣରେଖା ଫୁଲି ବରେ ଲାଗିଛି

## ବାରିପଦାର ପ୍ରୟାସ ସମ୍ମିଳନୀ କକ୍ଷରେ ଜିଲ୍ଲାରେ ସମବାୟ ସଦସ୍ୟ ମହାଭିଯାନ 'ସମୃଦ୍ଧ' ଏବଂ ଭିତିଭୂମି ପ୍ରକଳ୍ପର ଉଦ୍‌ଘାଟନ ସମ୍ପର୍କରେ



ବାରିପଦା : ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ନିର୍ଦ୍ଦେଶ କ୍ରମେ ଆଜି ଜିଲ୍ଲା ପ୍ରଶାସନ, ନରୋତମ ପାଣିଗ୍ରାହୀ, ବୁଦ୍ଧିଜୀବୀ ତଥା ବରିଷ୍ଠ ସମବାୟବିତ୍, ସମବାୟ ବିଭାଗର ଉପନିବନ୍ଧକ ସମକାୟ ସମିତି ସମୂହ, ମୟୂରଭଞ୍ଜ ଶ୍ରୀ ଅଶୋକ କୁମାର ପାଣିଙ୍କ ପୌରହିତ୍ୟରେ ସମକାୟ ସଦସ୍ୟ ମହାଭିଯାନ 'ସମୃଦ୍ଧ' ର ଆୟୋଜନ କରାଯାଇଥିଲା ।ରାଜ୍ୟସ୍ତରରେ ଏହାକୁ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ମୋହଦୟ ଉଦ୍ଘାଟନ କରିବା ସହିତ ସମବାୟ ସମିତି ଗୁଡିକରେ ଭିତିଭୂମିର ବିକାଶ ପାଇଁ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ ଗୁଡିକର ଉଦ୍ଘାଟନ ଏବଂ ନୂତନ ଭିଭିଭୂମିର କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ । ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ସହିତ ଜିଲ୍ଲାସ୍ଥରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ସମବାୟ ସଦସ୍ୟ ମହାଭିଯାନ 'ସମୃଦ୍ଧ' ର ମୁଖ୍ୟ ଉଦ୍ଦେଶ୍ୟ ଗ୍ରାମାଂଚଳରେ ବସବାସ କରୁଥିବା ସମସ୍ତ ପରିବାରକୁ ସମବାୟ ସମିତି ରେ ଅନ୍ତର୍ଭୁକ୍ତ କରିବା ସହିତ ସେମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ପ୍ରଚେଷ୍ଟା କରିବା । ଓଡିଶା ଏକ କୃଷି ଓ ଗ୍ରାମ୍ୟ ଭିଳିକ ରାଜ୍ୟ ହୋଇଥିବାରୁ ଗ୍ରାମାଂଚଳରେ କାର୍ଯ୍ୟ କରୁଥିବା ପ୍ରାଥମିକ ସମବାୟ ସମିତି (ଲ୍ୟାମ୍ପ) ଗୁଡିକ ଚାଷୀମାନଙ୍କର ରଣ ଚାହିଦା ଓ କୃଷି ନିମିତ ଅନ୍ୟାନ୍ୟ ସହାୟତା ପ୍ରଦାନ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଅଦ୍ୟାବଧି ସମସ୍ତ ପରିବାର ସମବାୟ ସମିତିରେ ସଭୟଭାବେ ପଞ୍ଜୀକୃତ ହୋଇନଥିବାରୁ ସରକାରଙ୍କର ଏହି ଅଭିନବ ପଦକ୍ଷେପ ଦ୍ୱାରା ସମସ୍ତ ପରିବାରଙ୍କୁ ସମବାୟ ସମିତିର ଅନ୍ତର୍ଭୁକ୍ତ କରି ସେମାନଙ୍କର ଆର୍ଥିକ ତଥା ସାମାଜିକ ମାନଦଣ୍ଡର ଉନ୍ନତିକରଣ କରିବା ପାଇଁ ସରକାର ଅଙ୍ଗୀକାରବଦ୍ଧ ।ଏହି ସମବାୟ ସଦସ୍ୟ ମହାଭିଯାନ 'ସମ୍ବନ୍ଧ' ଆସନ୍ତା ତା ୦୧ । ୧୦ (୨୦୨୬ ରୁ ଆରମ୍ଭ ହୋଇ ଦୀର୍ଘ ଦୁଇ ମାସ ପର୍ଯ୍ୟନ୍ତ ଚାଲି ତା ୩୦ ୧୧.୨୬ ରେ ସମାପ୍ତ ହେବ ଗ୍ରାମାଂଚଳରେ ରହୁଥବା ଯେକୌଣସି ପରିବାରର ୧୮ ବର୍ଷରୁ ଉଦ୍ଧ ବ୍ୟକ୍ତି ନିଜ ଅଂଚଳରେ କାର୍ଯ୍ୟ କରୁଥିବା ସମବାୟ ସମିତି (ଲ୍ୟାମ୍ପ)ରେ ନିଜକୁ ସଭ୍ୟ ଭାବେ ପଞ୍ଜୀକୃତ କରିପାରିବେ । ଏହି କାର୍ଯ୍ୟକ୍ରମରେ ସମବାୟ ବିଭାଗ ସହିତ ସରକାରଙ୍କର ଅନ୍ୟ ବିଭାଗ ମଧ ସହାୟତା ପ୍ରଦାନ କରିବେ ସ୍ୱତନ୍ତ୍ର ଭାବେ ପଞ୍ଜୀକରଣ କାର୍ଯ୍ୟକ୍ରମରେ ସହାୟତା ପାଇଁ ସମବାୟ ସମିତି (ଲ୍ୟାମ୍ପ)ସ୍ତରରେ ସମବାୟ ମିତ୍ରମାନଙ୍କୁ ନିୟୋଜିତ କରାଯିବ ଓ ଏହାଦ୍ୱାରା ସମବାୟ ସଂସ୍ଥା ଗୁଡିକର ସଭ୍ୟ ସଂଖ୍ୟା ବୃଦ୍ଧି ସହିତ ସମିତି ଗୁଡିକ ସୁଦୃଢ ହେବାବିଗତ ଦିନରେ ଆମ ମୟୂରଭଞ୍ଜ ଜିଲ୍ଲାରେ ୧୫୧ ଗୋଟି ନୂତନ ଲ୍ୟାମ୍ପ ଗଠନ କରାଯାଇଛି ଯାହାଦ୍ୱାରା ସାଧାରଣ ଲୋକମାନେ ନିକଟରୁ ସମବାୟ ସମିତିରୁ ମିଳିଥିବା ସୁବିଧାର ଲାଭ ଉଠାଇପାରିବେ । ଆମ ଜିଲ୍ଲାରେ ସମିତି ଗୁଡିକ ଚାଷିମାନଙ୍କୁ କୃଷି ଓ ଆନୁଷଙ୍ଗିକ ରଣ ପ୍ରଦାନ ସହିତ ଅନ୍ୟାନ୍ୟ ସୁବିଧା ଯଥା- ସାର, ବିହନ, ଗୋଖାଦ୍ୟ, କ୍ଷୁଦ୍ର କୃଷିଯନ୍ତ୍ରପାତି ଯୋଗାଣ ଓ ସୁବିଧାକେନ୍ଦ୍ର, ଦୁଗ୍ଧ ସଂଗ୍ରହ କେନ୍ଦ୍ର, ଧାନ, OMFED କ୍ରୟ କେନ୍ଦ୍ର, ଖାଉଟି ସାମଗ୍ରୀ ବିକ୍ରୟ କେନ୍ଦ୍ର (NAFED STORE) ଆଦି ର ସୁବିଧା ଉପଲବ୍ଧ କରାଉଛନ୍ତି । ସରକାରଙ୍କର ଆର୍ଥିକ ସହାୟତାରେ ବିଗତ ଦିନରେ ୩୦ ଗୋଟି LAMPCS, ୮.୩୪ କୋଟି ଟଙ୍କାରେ ଅଫିସ ଓ ଗୋଦାମ ଗୃହ ନିର୍ମାଣ କରାଯାଇଛି । ସମବାୟ ମାଧ୍ୟମରେ ଗ୍ରାମାଂଚଳରେ ବାସକରୁଥିବା ଲୋକଙ୍କୁ ହାତ ପହାନ୍ତାରେ ଆବଶ୍ୟକୀୟ ସୁବିଧା ପ୍ରଦାନ କରି ସେମାନଙ୍କର ଆର୍ଥିକ ଓ ସାମାଜିକ ଜୀବନରେ ଉନ୍ନତି ଆଣିବା ପାଇଁ ସରକାର ସତ ଚେଷ୍ଟିତ ଅଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ସମସ୍ତ ପରିବାରଙ୍କୁ ସମବାୟ ଆନ୍ଦୋଳନରେ ଯୋଡାଯିବା ପାଇଁ ଲକ୍ଷ୍ୟ ରଖାଯାଇ ଅଛି ।





# ଏସ୍ଆଇଆର ସମ୍ପର୍କିତ ସ୍ପଷ୍ଟିକରଣ

**ପ୍ରଶ୍ନ ୧ :** ଏସଆଇଆରରେ ୧୩ କୋଟି ଲୋକଙ୍କ ଭୋଟ୍ କାଟି ଦିଆଯାଇଛି କି ?

**ଉତର :** ନା । ଏସଆଇଆର ପ୍ରକ୍ରିୟା ସମୟରେ ୧୩ କୋଟି ଲୋକଙ୍କ ଭୋଟ୍ କାଟି ଦିଆଯାଇଛି ବୋଲି କହିବା ସମ୍ପୂର୍ଣ୍ଣ ଭୁଲ୍ । ଏସଆଇଆର ପ୍ରକ୍ରିୟାରେ ପ୍ରଥମେ ଏକ 'ଚିଠା ବା ଡ୍ରାଫ୍ଟ ଭୋଟର ତାଲିକା' ପ୍ରସ୍ତୁତ କରାଯାଏ । ଏହି ଡ୍ରାଫ୍ଟ ତାଲିକାରେ ପ୍ରାୟ ୧୩ କୋଟି ଭୋଟରଙ୍କୁ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ କିମ୍ବା ଜାଲ୍/ଦ୍ୱିତୀୟ ଥର ପଞ୍ଜୀକୃତ ବା ଏସଡିଡି ରୂପେ ଚିହ୍ନଟ କରାଯାଇଛି । ଏଥିରେ ପ୍ରାୟ ୨.୮ କୋଟି ମୃତ ବ୍ୟକ୍ତି, ୩ କୋଟି ଅନୁପସ୍ଥିତ କିମ୍ବା ଠିକଣା ମିଳୁନଥିବା ବ୍ୟକ୍ତି, ୬.୩ କୋଟି ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତରିତ ହୋଇଥିବା ବ୍ୟକ୍ତି ଏବଂ ପ୍ରାୟ ୧ କୋଟି ଏପରି ଭୋଟର ଅନ୍ତର୍ଭୁକ୍ତ ଯେଉଁମାନେ ଏକାଧିକ ସ୍ଥାନରେ ପଞ୍ଜୀକୃତ ହୋଇଥିଲେ (ଅର୍ଥାତ୍ ସେମାନଙ୍କ ନାମ ନକଲି ବା ଦ୍ୱିତୀୟ ଥର ପଞ୍ଜୀକୃତ ବୋଲି ଜଣା ପଡ଼ିଥିଲା) । ଏହି ଡ୍ରାଫ୍ଟ ତାଲିକା ସମସ୍ତ ରାଜନୈତିକ ଦଳ ଏବଂ ସେମାନଙ୍କର ୨୦ ଲକ୍ଷରୁ ଅଧିକ 'ବୁଥ୍ ସ୍ତରୀୟ ଏଜେଂଟ' (ବିଏଲଏ)ଙ୍କୁ ପ୍ରଦାନ କରାଯାଏ ଯାହାଫଳରେ ସେମାନେ ଏହି ତଥ୍ୟଗୁଡ଼ିକୁ ଯାଂଚ କରିପାରିବେ । ଏହା ବ୍ୟତୀତ, ଏହି ପ୍ରକ୍ରିୟା ସମୟରେ ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କର ଦାବି ଏବଂ ଆପତି ଦାଖଲ କରିବାର ଅଧିକାର ରହିଛି । ତେଣୁ, ଡ୍ରାଫ୍ଟ ତାଲିକାରେ ଚିହ୍ନଟ ହେବା ଏବଂ 'ଅନ୍ତିମ ଭୋଟର ତାଲିକା'ରୁ ନାମ ହଟିଯିବା - ଏହି ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ବିଷୟ ଅଟେ । ଏସଆଇଆରର ଉଦ୍ଦେଶ୍ୟ କୌଣସି ଯୋଗ୍ୟ ଭୋଟରଙ୍କ ନାମ ହଟାଇବା ନୁହେଁ । ଏହାର ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ଭୋଟର ତାଲିକାରେ ଥିବା ଯେକୌଣସି ତ୍ରୁଟିକୁ ସୁଧାରିବା ।

**ପ୍ରଶ୍ନ ୨ :** ଫର୍ମ ୬ରେ କୌଣସି ପରିବର୍ତନ କରାଯାଇଛି କି ? ଏହାର ସତ୍ୟତା କ'ଣ ?

**ଉତର :** ଫର୍ମ ୬ରେ କୌଣସି ପରିବର୍ତନ କରାଯାଇନାହିଁ । ଏସିଆଇଆର ସମୟରେ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ଅନ୍ୟ ଦୁଇ ନିର୍ବାଚନ ଆୟୁକ୍ତଙ୍କ ସର୍ବସମ୍ମତ ଅନୁମୋଦନ କ୍ରମେ ନିର୍ବାଚନ ଆୟୋଗ ଏସଆଇଆର ନିର୍ଦ୍ଦେଶନାମା ଜାରି କରିଥିଲେ । ଏହି ନିର୍ଦ୍ଦେଶନାମାରେ ଏକ ଘୋଷଣାନାମା ଫର୍ମ ମଧ୍ୟ ଅନ୍ତର୍ଭୁକ୍ତ ରହିଛି । ଭୋଟର ମାନଙ୍କ ସୁବିଧା ପାଇଁ 'ଫର୍ମ ୬' ଏବଂ ଘୋଷଣାନାମା ଫର୍ମକୁ ଏକତ୍ରିତ କରାଯାଇଛି, ଯାହା ଫଳରେ ଭୋଟରମାନଙ୍କୁ ପୃଥକ ପ୍ରକ୍ରିୟା ଦେଇ ଗତି କରିବାକୁ ପଡ଼ିବ ନାହିଁ କିମ୍ବା ଦୁଇଥର ଓଟିପି ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବାକୁ ପଡ଼ିବ ନାହିଁ । 'ଫର୍ମ ୬' ସମ୍ପୂର୍ଣ୍ଣ ଭାବେ ଅପରିବର୍ତିତ ରହିଛି; ଭୋଟରଙ୍କ ସୁବିଧା ପାଇଁ କେବଳ ଆବଶ୍ୟକ 'ଘୋଷଣାନାମା'କୁ ଏହି ପ୍ରକ୍ରିୟାରେ ଯୋଡ଼ା ଯାଇଛି ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ୨୭ ମେ ୨୦୨୬ ରେ ସୁପ୍ରିମକୋର୍ଟ ଏହି ଏସଆଇଆର ନିର୍ଦ୍ଦେଶର ବୈଧତାକୁ କାଏମ ରଖିଥିଲେ । ସରଳ କଥା ହେଲା ଯେ 'ଫର୍ମ ୬' ରେ କୌଣସି ପରିବର୍ତନ କରାଯାଇନାହିଁ । ଭୋଟରଙ୍କ ସୁବିଧା ପାଇଁ 'ଫର୍ମ ୬' ପ୍ରକ୍ରିୟାରେ 'ଘୋଷଣାନାମା ଫର୍ମ' ଯୋଡ଼ା ଯାଇଛି, ଯାହାଫଳରେ ସେମାନଙ୍କୁ ଓଟିପି ପ୍ରକ୍ରିୟା ଦୁଇଥର ସମ୍ପନ୍ନ କରିବାକୁ ପଡ଼ିବ ନାହିଁ ।

**ପ୍ରଶ୍ନ ୩ :** ଭୋଟର ତାଲିକା ଡାଟାବେସ୍‌କୁ କେନ୍ଦ୍ରୀକୃତ କରାଯାଇଛି କି ?

**ଉତର :** ନା, ଆଦୌ ନୁହେଁ । ଭୋଟର ତାଲିକା ଡାଟାବେସ୍ ପୂର୍ବରୁ ବିକେନ୍ଦ୍ରୀକୃତ ଥିଲା ଏବଂ ବର୍ତମାନ ମଧ୍ୟ ତାହା ପୂର୍ବପରି ବିକେନ୍ଦ୍ରୀକୃତ ରହିଛି । ଏହାର ସରଳ କାରଣ ହେଉଛି, ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟେକ ରାଜ୍ୟର ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ଙ୍କ ଦ୍ୱାରା ଭୋଟର ତାଲିକା ପ୍ରସ୍ତୁତ ଓ ପରିଚାଳିତ ହୋଇଥାଏ । ତେଣୁ, ଏହି ବ୍ୟବସ୍ଥା ସର୍ବଦା ବିକେନ୍ଦ୍ରୀକୃତ ରହିଆସିଛି ଏବଂ ଏବେ ମଧ୍ୟ ସେହିପରି ରହିଛି । ବାସ୍ତବତା ହେଉଛି ଯେ, ଇସିଆଇନେଟ୍ର ଇଆରଓନେଟ ମଡ୍ୟୁଲ୍ ଅଧୀନରେ ଭୋଟର ତାଲିକା ଡାଟାବେସ୍ କେବେ ହେଲେ କେନ୍ଦ୍ରୀକୃତ କରାଯାଇ ନାହିଁ । ପ୍ରତ୍ୟେକ ରାଜ୍ୟର ଭୋଟର ତାଲିକା ଡାଟାବେସ୍ ପୂର୍ବପରି ବିକେନ୍ଦ୍ରୀକୃତ ହୋଇ ରହିଛି ଏବଂ ଇଆରଓମାନଙ୍କର ସମସ୍ତ ଆଇନଗତ ତଥା ପ୍ରକ୍ରିୟାଗତ କ୍ଷମତାରେ କୌଣସି ପରିବର୍ତନ ହୋଇନାହିଁ । ଅଧିକାରୀ ଓ ଅନ୍ୟାନ୍ୟ ସମ୍ପୃକ୍ତ ପକ୍ଷଙ୍କ ସୁବିଧା ପାଇଁ ଏହି ବ୍ୟବସ୍ଥା ଡିଜିଟାଲ୍ କରାଯାଇଛି, କିନ୍ତୁ ଭୋଟର ତାଲିକାର ଆଇନଗତ କ୍ଷମତା କିମ୍ବା ଏହାର ବିକେନ୍ଦ୍ରୀକୃତ ଗଠନରେ କୌଣସି ପରିବର୍ତନ ହୋଇନାହିଁ ।

**ପ୍ରଶ୍ନ :** ନୂଆ ପିଢ଼ି ବା ଜେନ୍ ଜି ଭୋଟରମାନଙ୍କୁ ସାମିଲ କରିବାରେ କୌଣସି ସମସ୍ୟା ଅଛି କି ?

**ଉତର :** ନା, ଆଦୌ ନୁହେଁ । ବରଂ, ଏହି ପ୍ରକ୍ରିୟା ପୂର୍ବ ଅପେକ୍ଷା ଅଧିକ ସହଜ କରାଯାଇଛି । ୧୮ ବର୍ଷ ବୟସ ପୂରଣ କରିଥିବା କିମ୍ବା ୧୮ ବର୍ଷ ବୟସରେ ପହଂଚିବାକୁ ଯାଉଥିବା ଯେକୌଣସି ଯୁବକ-ଯୁବତୀ ଚାରୋଟି ନିର୍ଦ୍ଦିଷ୍ଟ ତାରିଖ (୧ ଜାନୁଆରୀ, ୧ ଅପ୍ରେଲ, ୧ ଜୁଲାଇ ଏବଂ ୧ ଅକ୍ଟୋବର) ଆଧାରରେ ମତଦାତା ତାଲିକାରେ ନିଜ ନାମ ଅନ୍ତର୍ଭୁକ୍ତ କରିପାରିବେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯୋଗ୍ୟ ଭୋଟର ମାନଙ୍କୁ ଏସଏସଆର କିମ୍ବା ଏସଆଇଆର ଭଳି ସଂଶୋଧନ ପ୍ରକ୍ରିୟା ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ । ନୂଆ ପିଢ଼ି ବା ଜେନ୍ ଜି ବର୍ଗର ଭୋଟରମାନେ ଯେକୌଣସି ସମୟରେ 'ଫର୍ମ-୬' ପୂରଣ କରି ମତଦାତା ତାଲିକାରେ ନିଜ ନାମ ଯୋଡ଼ି ପାରିବେ । ୨୪ ଜୁନ୍ ୨୦୨୫ (ଯେବେ ଠାରୁ ଏସଆଇଆର ଆରମ୍ଭ ହୋଇଥିଲା) ଠାରୁ, ପ୍ରାୟ ୨.୩୭ କୋଟି ନୂତନ 'ଜେନ୍-ଜି' ଭୋଟର (୧୮-୨୮ ବୟସ ବର୍ଗର) ମତଦାତା ତାଲିକାରେ ସାମିଲ ହୋଇସାରିଛନ୍ତି ଏବଂ କ୍ରମାଗତ ଭାବେ ଆହୁରି ଅନେକ ଭୋଟର ଏଥିରେ ଯୋଡ଼ି ହେଉଛନ୍ତି । ପ୍ରତି ମାସରେ ପ୍ରାୟ ୧୬ ଲକ୍ଷ 'ଜେନ୍-ଜି' ଭୋଟର ଭୋଟର ତାଲିକାରେ ଯୋଡ଼ି ହେଉଛନ୍ତି । ଏହାର ଅର୍ଥ ହେଉଛି ପ୍ରତିଦିନ ୫୦,୦୦୦ରୁ ଅଧିକ ଭୋଟର ଏଥିରେ ସାମିଲ ହେଉଛନ୍ତି । ଆହୁରି, ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନିର୍ବାଚନ ଆୟୋଗଙ୍କ ନିର୍ବାଚକ ତାଲିକାରେ ମୋଟ ୧୭.୩୮ କୋଟି 'ଜେନ୍-ଜି' ଭୋଟର (୧୮-୨୮ ବୟସ ବର୍ଗର) ଅଛନ୍ତି । ନିର୍ବାଚନ ଆୟୋଗ 'ଜେନ୍-ଜି' ଭୋଟରଙ୍କ ପାଇଁ 'ନିର୍ବାଚନ ସାକ୍ଷରତା କ୍ଲବ୍' (ଇଏଲସି)ଗୁଡ଼ିକ ମାଧ୍ୟମରେ ନିୟମିତ ଭାବେ ସ୍ୱତନ୍ତ୍ର ଶିବିର ଏବଂ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରନ୍ତି । ଏହା ଯୁବ ଭୋଟରମାନଙ୍କୁ ମତଦାତା ତାଲିକାରେ ସହଜରେ ନାମ ଯୋଡ଼ିବା ଏବଂ ସେମାନଙ୍କର ଭୋଟ୍ ଦେବାର ଅଧିକାର ସାବ୍ୟସ୍ତ କରିବାରେ ସାହାଯ୍ୟ କରେ । 'ଜେନ୍-ଜି' ଭୋଟରଙ୍କ ପାଇଁ ନିର୍ବାଚକ ତାଲିକାରେ ନାମ ଯୋଡ଼ିବାର ପ୍ରକ୍ରିୟା ଖୋଲା, ସରଳ ଏବଂ ବର୍ଷସାରା ଉପଲବ୍ଧ ରହିଛି ।

**ପ୍ରଶ୍ନ ୫ :** ଇସିଆଇରେ କୌଣସି ଅନିୟମିତତା ହୋଇଥିଲା କି ? ସିଇସି ଅନ୍ୟ ଦୁଇଜଣ ନିର୍ବାଚନ ଆୟୁକ୍ତଙ୍କୁ ଅଣଦେଖା କରି ଏକାକୀ ନିଷ୍ପତି ନେଉଥିଲେ କି ?

**ଉତର :** ଏହା ସମ୍ପୂର୍ଣ୍ଣ ଭାବେ ଏକ ମିଥ୍ୟା ପ୍ରଚାର । ଆସନ୍ତୁ ଏହାକୁ ସରଳ ଭାଷାରେ ବୁଝିବା । ଭାରତର ନିର୍ବାଚନ ଆୟୋଗ ହେଉଛି ତିନି-ସଦସ୍ୟ ବିଶିଷ୍ଟ ଏକ ଆୟୋଗ—ଯେଉଁଥିରେ ଜଣେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ଦୁଇଜଣ ନିର୍ବାଚନ ଆୟୁକ୍ତ ଥାଆନ୍ତି । 'ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ଅନ୍ୟ ନିର୍ବାଚନ ଆୟୁକ୍ତ ଅଧିନିୟମ, ୨୦୨୩'ର ଧାରା ୧୮(୧) ଅନୁଯାୟୀ, ଆୟୋଗ ନିଜର କାର୍ଯ୍ୟ ପ୍ରଣାଳୀ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଓ ଅନ୍ୟ ନିର୍ବାଚନ ଆୟୁକ୍ତଙ୍କ ମଧ୍ୟରେ କାର୍ଯ୍ୟ ବଂଟନ କିପରି ହେବ, ସେ ସମ୍ପର୍କରେ ସର୍ବସମ୍ମତ ନିଷ୍ପତି ନିଅନ୍ତ ଏହି ବ୍ୟବସ୍ଥା ଅଧୀନରେ, ଇସିଆଇଙ୍କ ନାମରେ ଜାରି କରାଯାଉଥିବା ଚିଠି ଓ ନିର୍ଦ୍ଦେଶ ଗୁଡ଼ିକ 'କାର୍ଯ୍ୟ ପରିଚାଳନା ନିୟମାବଳୀ' ଏବଂ ଆୟୋଗ ଦ୍ୱାରା ନିର୍ଦ୍ଧାରିତ କ୍ଷମତା ହସ୍ତାନ୍ତରଣ ପ୍ରକ୍ରିୟା ଅନୁଯାୟୀ ଜାରି କରାଯାଇଥାଏ । ଆୟୋଗ ଦ୍ୱାରା ନିଷ୍ପତି ନିଆଯିବା ପରେ, ଆୟୋଗର ଅଧିକୃତ ଅଧିକାରୀ ମାନେ ସେହି ନିଷ୍ପତିଗୁଡ଼ିକୁ ସଂପୃକ୍ତ ପକ୍ଷଙ୍କୁ ଜଣାନ୍ତି ଏବଂ କାର୍ଯ୍ୟକାରୀ କରନ୍ତି । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଆୟୋଗ ଦ୍ୱାରା ନିଆଯାଇଥିବା ସମସ୍ତ ନିଷ୍ପତି ସର୍ବସମ୍ମତି କ୍ରମେ—ଅର୍ଥାତ୍ ତିନିଜଣ କମିଶନରଙ୍କ ସହମତିରେ ନିଆଯାଇଛି । ଏହା ମଧ୍ୟ ବୁଝିବା ଆବଶ୍ୟକ ଯେ, କୌଣସି ନିଷ୍ପତିର ଖସଡ଼ା ପ୍ରସ୍ତୁତି ପର୍ଯ୍ୟାୟରେ କମିଶନର ମାନଙ୍କ ଦ୍ୱାରା ପ୍ରଶ୍ନ, ମତାମତ କିମ୍ବା ପରାମର୍ଶ ଦିଆଯିବା ଏକ ସ୍ୱାଭାବିକ ଘଟଣା । ଯେକୌଣସି ଅନୁଷ୍ଠାନର ବିଚାର-ବିମର୍ଶ ଓ ପ୍ରଶାସନିକ ପ୍ରକ୍ରିୟାରେ ଏହା ଏକ ସାଧାରଣ ଅଂଶବିଶେଷ । ଏହାର ଉଦ୍ଦେଶ୍ୟ ହେଉଛି ନିଷ୍ପତିକୁ ଅଧିକ ଉନ୍ନତ କରିବା ଏବଂ ନିର୍ବାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବା । ପ୍ରତ୍ୟେକ ମତାମତକୁ 'ଅସହମତି' କିମ୍ବା ଖସଡ଼ା ପ୍ରସ୍ତୁତି ପର୍ଯ୍ୟାୟର ପ୍ରତ୍ୟେକ ପ୍ରଶ୍ନକୁ 'ନିଷ୍ପତି ବିରୋଧରେ ସ୍ୱର ଉତୋଳନ' ବୋଲି ବିଚାର କରିବା ଠିକ୍ ନୁହେଁ । ଚୂଡ଼ାନ୍ତ ନିଷ୍ପତି ଏବଂ ତାହା ପୂର୍ବରୁ ହେଉଥିବା ଆଲୋଚନା ଏ ଦୁଇଟି ସମ୍ପୂର୍ଣ୍ଣ ଭିନ୍ନ ବିଷୟ । ଇସିଆଇରେ ନିଷ୍ପତି ଗ୍ରହଣ ପ୍ରକ୍ରିୟା ଏକ ନିର୍ଦ୍ଦିଷ୍ଟ ଆଇନଗତ ଓ ପ୍ରକ୍ରିୟାଗତ ଢାଂଚା ମଧ୍ୟରେ ସମ୍ପାଦିତ ହୋଇଥାଏ ।

ଆଇନ ଅନୁଯାୟୀ, ଆୟୁକ୍ତ ଏବଂ ଇସିଆଇ ଅଧିକାରୀଙ୍କ ଦ୍ୱାରା ପ୍ରଦତ ମତାମତ ଓ ପର୍ଯ୍ୟବେକ୍ଷଣ ଗୁଡ଼ିକ ନିଷ୍ପତି ଗ୍ରହଣ ପ୍ରକ୍ରିୟାର ଏକ ଅଂଶବିଶେଷ । ଏହି କାର୍ଯ୍ୟଗୁଡ଼ିକୁ 'ଭୁଲ୍ କାର୍ଯ୍ୟ' ବୋଲି କହିବା କିମ୍ବା ମୁଖ୍ୟ ନିର୍ବାଚନ ଆୟୁକ୍ତ ଅନ୍ୟ ଆୟୁକ୍ତମାନଙ୍କୁ ଅଣଦେଖା କରିଥିଲେ ବୋଲି କହିବା ସମ୍ପୂର୍ଣ୍ଣ ଭୁଲ୍ ଅଟେ । ଏହା କେବଳ ଗୁଜବ ସୃଷ୍ଟି କରିବା ଏବଂ ଲୋକଙ୍କୁ ବିଭ୍ରାନ୍ତ କରିବାର ଏକ ବିଫଳ ପ୍ରୟାସ ମାତ୍ର ।

**ପ୍ରଶ୍ନ ୬ :** ଏସଆଇଆର ଭୋଟ୍ ଚୋରି କରିବାର ଏକ ଉପାୟ କି ଏବଂ ବିଜେପି ବିହାର ଓ ପଶ୍ଚିମବଙ୍ଗ ନିର୍ବାଚନରେ 'ଭୋଟ୍ ଚୋରି' ମାଧ୍ୟମରେ ଜିତିଥିଲା କି ?

**ଉତର :** ସର୍ବପ୍ରଥମେ, ''ଭୋଟ୍ ଚୋରି'' ବୋଲି କୌଣସି ବିଷୟ ନାହିଁ । ଏହା ଏକ ମିଥ୍ୟା ଓ ବିଭ୍ରାନ୍ତିକର ଧାରଣା ପ୍ରଚାର କରିବା ପାଇଁ ବ୍ୟବହୃତ ହେଉଥିବା ଏକ ଶବ୍ଦ ମାତ୍ର । ଏହାକୁ ବୁଝିବା ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ବୁଝିବା ଆବଶ୍ୟକ—ଯେଉଁଥିରେ ଭୋଟର ତାଲିକା ପ୍ରସ୍ତୁତିଠାରୁ ଆରମ୍ଭ କରି ଭୋଟ୍ ଦେବା ଏବଂ ଭୋଟ୍ ଗଣତି ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ।

୧. ଏସଆଇଆର ସମୟରେ ମତଦାତା ତାଲିକା ପ୍ରସ୍ତୁତ ହୁଏ କିପରି ? ବିଏଲଓମାନଙ୍କ ଦ୍ୱାରା କ୍ଷେତ୍ରସ୍ତରୀୟ ଏବଂ ଘରକୁ ଘର ଯାଇ ଯାଂଚ କରିବା ମାଧ୍ୟମରେ ମତଦାତା ତାଲିକା ପ୍ରସ୍ତୁତ କରାଯାଏ । ସେମାନଙ୍କ ସହିତ, ବିଭିନ୍ନ ରାଜନୈତିକ ଦଳର ୨୦ ଲକ୍ଷରୁ ଅଧିକ 'ବୁଥ୍ ଲେଭଲ୍ ଏଜେଂଟ' (ବିଏଲଏ) ମଧ୍ୟ ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଉପରେ ତୀକ୍ଷ୍ଣ ନଜର ରଖନ୍ତି । ସେମାନେ କେବଳ ନାମକୁ ମାତ୍ର ସେଠାରେ ଉପସ୍ଥିତ ରୁହନ୍ତି ନାହିଁ; ବରଂ ଏହି ସମଗ୍ର ପ୍ରକ୍ରିୟାରେ ବିଏଲଏ ମାନେ ଜଣେ 'ସମାନ୍ତରାଳ ଅଡିଟର' ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଖସଡ଼ା ପର୍ଯ୍ୟାୟରେ, ଖସଡ଼ା ଭୋଟର ତାଲିକା ସହିତ ରାଜନୈତିକ ଦଳ ଏବଂ ସେମାନଙ୍କର ବିଏଲଏମାନଙ୍କୁ 'ଅନୁପସ୍ଥିତ', 'ସ୍ଥାନାନ୍ତରିତ', 'ମୃତ' ଏବଂ 'ଦ୍ୱିତୀୟ ଥର ଅନ୍ତର୍ଭୁକ୍ତ' ଭାବରେ ଚିହ୍ନିତ ତାଲିକା ମଧ୍ୟ ପ୍ରଦାନ କରାଯାଏ, ଯାହାଦ୍ୱାରା ସେମାନେ ସ୍ୱାଧୀନ ଭାବରେ ଏହାର ଯାଂଚ କରିପାରିବେ । ଏହି ସୂଚନା ସର୍ବସାଧାରଣଙ୍କ ପାଇଁ ମଧ୍ୟ ଉପଲବ୍ଧ ଥାଏ । ଦାବି ଓ ଆପତି ପ୍ରକ୍ରିୟା ସମୟରେ, ଯେକୌଣସି ଯୋଗ୍ୟ ଭୋଟର ଖସଡ଼ା ତାଲିକାରେ ଥିବା ତଥ୍ୟ ସମ୍ବନ୍ଧରେ ଦାବି କିମ୍ବା ଆପତି ଦାଖଲ କରିପାରିବେ ।

ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ, ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଏ । କେବଳ ଏତିକିରେ ଏହା ଶେଷ ହୁଏ ନାହିଁ । ଇଆରଓଙ୍କ ନିଷ୍ପତି ବିରୁଦ୍ଧରେ ଅପିଲ୍ କରିବାର ବ୍ୟବସ୍ଥା ମଧ୍ୟ ରହିଛି । ୨. କାହାରି ନାମ ମନଇଚ୍ଛା କାଟି ଦିଆଯାଇ ପାରିବ ନାହିଁ । ଭୋଟର ତାଲିକାରୁ ନାମ ହଟାଇବା ପାଇଁ ଏକ ନିର୍ଦ୍ଦିଷ୍ଟ ଆଇନଗତ ପ୍ରକ୍ରିୟା ଅନୁସରଣ କରାଯାଏ । ଉପଲବ୍ଧ ତଥ୍ୟ, ଯାଂଚ ଏବଂ ନିର୍ଦ୍ଧାରିତ ପ୍ରକ୍ରିୟା ଆଧାରରେ ଇଆରଓଙ୍କୁ ନିଷ୍ପତି ନେବାକୁ ପଡ଼ିଥାଏ । ଅନ୍ୟ ଅର୍ଥରେ କହିଲେ, ଭୋଟର ତାଲିକା ପ୍ରସ୍ତୁତି ପ୍ରକ୍ରିୟା ସମୟରେ ବିଏଲଓମାନେ କ୍ଷେତ୍ରସ୍ତରୀୟ ଯାଂଚ କରୁଥିବାବେଳେ, ବିଭିନ୍ନ ରାଜନୈତିକ ଦଳର ୨୦ ଲକ୍ଷରୁ ଅଧିକ ବିଏଲଏ ଏହାକୁ ସମାନ୍ତରାଳ ଭାବେ ଯାଂଚ କରିଥାନ୍ତି । ଏହା ବ୍ୟତୀତ, ଦାବି, ଆପତି ଏବଂ ଅପିଲ୍ ପାଇଁ ମଧ୍ୟ ଏକ ବ୍ୟବସ୍ଥା ରହିଛି । ବର୍ତମାନ ଚିନ୍ତା କରନ୍ତୁ । ଯେତେବେଳେ ଯାଂଚ ଏବଂ ସମାନ୍ତରାଳ ଅଡିଟ୍ର ଏତେ ବ୍ୟାପକ ବ୍ୟବସ୍ଥା ରହିଛି, ସେତେବେଳେ 'ଭୋଟ୍ ଚୋରି' କିପରି ହୋଇପାରିବ ? ୩. ଭୋଟ୍ ଗ୍ରହଣ ଦିନ ମଧ୍ୟ ପ୍ରାର୍ଥୀମାନଙ୍କର ରାଜନୈତିକ ପ୍ରତିନିଧିଙ୍କ ଦ୍ୱାରା ଯାଂଚ ପ୍ରକ୍ରିୟା ଜାରି ରହେ । ପ୍ରାର୍ଥୀମାନଙ୍କର ପୋଲିଂ ଏଜେଂଟମାନେ ମତଦାନ କେନ୍ଦ୍ରରେ ଉପସ୍ଥିତ ରୁହନ୍ତି ଏବଂ ମତଦାନ ପ୍ରକ୍ରିୟା ଉପରେ ନଜର ରଖନ୍ତି । ଇସିଆଇ ଏକ ନୂତନ ପଦକ୍ଷେପ ମଧ୍ୟ ଆରମ୍ଭ କରିଛନ୍ତି, ଯାହାକୁ ତିନିଜଣ ଆୟୁକ୍ତ ସର୍ବସମ୍ମତି କ୍ରମେ ଅନୁମୋଦନ କରିଛନ୍ତି; ଏହି ବ୍ୟବସ୍ଥା ଅଧୀନରେ ଶତପ୍ରତିଶତ ମତଦାନ କେନ୍ଦ୍ରରେ ୱେବ୍କାଷ୍ଟିଂ କରାଯାଉଛି । ଏହା ମତଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିଥାଏ ।

ବିହାର ଓ ପଶ୍ଚିମବଙ୍ଗରେ ସ୍ୱାଧୀନତା ପରଠାରୁ ସର୍ବାଧିକ ସଂଖ୍ୟକ ଭୋଟର ମତଦାନ କରିଥିଲେ ଏବଂ ଏହି ନିର୍ବାଚନ ଗୁଡ଼ିକରେ ସର୍ବାଧିକ ସଂଖ୍ୟକ ଭୋଟର ଅଂଶଗ୍ରହଣ କରିଥିଲେ । ୪. ଭୋଟ୍ ଗଣତି ସମୟରେ ପ୍ରାର୍ଥୀମାନଙ୍କ ପ୍ରତିନିଧିମାନେ ମଧ୍ୟ ଉପସ୍ଥିତ ରୁହନ୍ତି । ଗଣତି ପ୍ରକ୍ରିୟା ସମୟରେ ପ୍ରାର୍ଥୀଙ୍କର 'ଗଣତି ଏଜେଂଟ' ଉପସ୍ଥିତ ରୁହନ୍ତି ଏବଂ ଗଣତି ପ୍ରକ୍ରିୟା ଉପରେ ନଜର ରଖନ୍ତି । ଅନ୍ୟ ଅର୍ଥରେ କହିଲେ, ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ—ଯଥା ଭୋଟର ତାଲିକା ପ୍ରସ୍ତୁତି ? ଯାଂଚ ? ଦାବି ଓ ଆପତି ? ଚୂଡ଼ାନ୍ତ ତାଲିକା ? ମତଦାନ ? ଭୋଟ୍ ଗଣତି ରାଜନୈତିକ ଦଳ, ପ୍ରାର୍ଥୀ ଏବଂ ସେମାନଙ୍କ ପ୍ରତିନିଧିମାନେ ଉପସ୍ଥିତ ରହି ଯାଂଚ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି । ସରଳ ଏବଂ ସିଧା କଥା ହେଉଛି ଯେ ଭୋଟର ତାଲିକା ପ୍ରସ୍ତୁତ କରିବା ଏକ ବନ୍ଦ ଦ୍ୱାର ପ୍ରକ୍ରିୟା ନୁହେଁ । ଏଥିରେ ପ୍ରତ୍ୟେକ ପର୍ଯ୍ୟାୟରେ ସୁରକ୍ଷା ବ୍ୟବସ୍ଥା ସହିତ ବିଏଲଓଙ୍କ ଦ୍ୱାରା କ୍ଷେତ୍ରସ୍ତରୀ ଯାଂଚ ଏବଂ ପ୍ରାୟ ୨ ନିୟୁତ ବିଏଲଏଙ୍କ ଦ୍ୱାରା ସମକାଳୀନ ଯାଂଚ ଅନ୍ତର୍ଭୁକ୍ତ ରହିଥାଏ । ଭାରତର ନିର୍ବାଚନ ବ୍ୟବସ୍ଥା ବିଶ୍ୱର ସର୍ବବୃହତ ଏବଂ ସର୍ବାଧିକ ଯାଂଚ କରାଯାଇଥିବା ଗଣତାନ୍ତ୍ରିକ ପ୍ରକ୍ରିୟା ମଧ୍ୟରୁ ଅନ୍ୟତମ । ଏହାକୁ ବୁଝିବା ପାଇଁ, ଶୁଣା କଥାକୁ ବିଶ୍ୱାସ ନ କରି ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଦେଖିବା ଉଚିତ ।

**ପ୍ରଶ୍ନ ୭.** ବିଜେପି ଯେପରି ଭୋଟ୍ ଚୋରି କରିପାରିବ, ସେଥିପାଇଁ କ'ଣ ଭାରତର ପ୍ରଧାନ ବିଚାରପତିଙ୍କୁ ସିଇସି ଚୟନ ପ୍ୟାନେଲରୁ ହଟାଇ ଦିଆଯାଇଥିଲା ?

**ଉତର :** ଏହି ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭିତିହୀନ । ୨୦୨୩ ମସିହାର ଆଇନ୍ ପୂର୍ବରୁ, ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ନିର୍ବାଚନ ଆୟୁକ୍ତ ମାନଙ୍କୁ କେନ୍ଦ୍ର ସରକାରଙ୍କ ସୁପାରିସ କ୍ରମେ ରାଷ୍ଟ୍ରପତି ନିଯୁକ୍ତ କରୁଥିଲେ । ଏହି ନିଯୁକ୍ତିଗୁଡ଼ିକ ପାଇଁ ବିସ୍ତୃତ ଚୟନ ପ୍ରକ୍ରିୟା ନିର୍ଦ୍ଧାରଣ କରୁଥିବା କୌଣସି ନିର୍ଦ୍ଦିଷ୍ଟ ଆଇନ୍ ନଥିଲା । 'ଅନୁପ ବରନୱାଲ ବନାମ ଭାରତ ସରକାର' ମାମଲାରେ ସୁପ୍ରିମକୋର୍ଟ କହିଥିଲେ ଯେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଏବଂ ନିର୍ବାଚନ ଆୟୁକ୍ତମାନଙ୍କ ନିଯୁକ୍ତି ପାଇଁ ଏକ ଆଇନ୍ ରହିବା ଆବଶ୍ୟକ । ସଂସଦ ଦ୍ୱାରା ଏଭଳି ଆଇନ୍ ପ୍ରଣୟନ କରାଯିବା ପର୍ଯ୍ୟନ୍ତ, କୋର୍ଟ ଏକ ଅସ୍ଥାୟୀ କମିଟିର ବ୍ୟବସ୍ଥା କରିଥିଲେ ଯେଉଁଥିରେ ଭାରତର ପ୍ରଧାନ ବିଚାରପତି ମଧ୍ୟ ସାମିଲ ଥିଲେ ।

କିଛି ମାସ ମଧ୍ୟରେ, ସଂସଦରେ ଏକ ନୂତନ ଆଇନ ଗୃହୀତ ହେଲା ଯାହା ଏକ ନୂତନ ଚୟନ କମିଟି ଗଠନ କଲା । ଏହି କମିଟିରେ ପ୍ରଧାନମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ମନୋନିତ ଜଣେ କେନ୍ଦ୍ର ମନ୍ତ୍ରୀ ଏବଂ ବିରୋଧୀ ଦଳର ନେତା ସାମିଲ ଅଛନ୍ତି ।

ପୂର୍ବ ବ୍ୟବସ୍ଥା ତୁଳନାରେ - ଯେଉଁଥିରେ ସରକାରଙ୍କ ସୁପାରିସ କ୍ରମେ ନିଯୁକ୍ତି କରାଯାଉଥିଲା - ଏହି ନୂତନ ବ୍ୟବସ୍ଥା ଏକ ଉନ୍ନତ କମିଟି-ଭିତିକ ପ୍ରକ୍ରିୟା ପ୍ରଦାନ କରେ, ଯେଉଁଥିରେ ବିରୋଧୀ ଦଳର ନେତା ମଧ୍ୟ ସାମିଲ ଥାଆନ୍ତି ।

**ପ୍ରଶ୍ନ ୮ :** କ୍ଷେତ୍ର ଅଧିକାରୀଙ୍କ ପାଇଁ ଇସିଆଇ ନେଟ୍ ଆପରେ କଟକଣା ଲାଗୁ କରାଯାଇଥିଲା କି ?

**ଉତର :** ଆଦୌ ନୁହେଁ । ବାସ୍ତବତା ହେଉଛି, ଇସିଆଇନେଟରେ ଆଇନଗତ କର୍ତୃପକ୍ଷ କିମ୍ବା କ୍ଷେତ୍ରସ୍ତରୀୟ ଅଧିକାରୀମାନେ କାର୍ଯ୍ୟ ଉପରେ ଏପରି କୌଣସି କଟକଣା ଲଗାଯାଇ ନାହିଁ, ଯାହା ସେମାନଙ୍କୁ ସେମାନଙ୍କର ଆଇନଗତ କର୍ତବ୍ୟ ସମ୍ପାଦନ କରିବାରେ ବାଧା ସୃଷ୍ଟି କରିବ । ଏସଆଇଆର ଘୋଷଣା ହେବା ପରଠାରୁ, ଇସିଆଇନେଟ ଏବଂ ଏହାର ବିଭିନ୍ନ ମଡ୍ୟୁଲ୍ ସମ୍ବନ୍ଧରେ କ୍ଷେତ୍ରସ୍ତରୀୟ ଅଧିକାରୀମାନଙ୍କ ପାଇଁ ବର୍ତମାନ ସୁଦ୍ଧା ୧୦୯ଟି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇସାରିଛି । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକ ବର୍ତମାନ ମଧ୍ୟ ଜାରି ରହିଛି । ଏଇଆରଓ, ଇଆରଓ, ଡିଇଓ ଏବଂ ସିଇଓମାନେ ଏହି ଅଧିବେଶନ ଗୁଡ଼ିକରେ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରଶିକ୍ଷଣ ଅଧିବେଶନଗୁଡ଼ିକ ସମୟରେ, ପ୍ରବେଶ ଉପରେ କଟକଣା ସମ୍ବନ୍ଧୀୟ କୌଣସି ଅଭିଯୋଗ କିମ୍ବା ଚିନ୍ତା ପ୍ରକାଶ ପାଇନାହିଁ । ଗୁରୁତ୍ୱପୂର୍ଣ୍ଣ ବିଷୟ: ଇସିଆଇନେଟ ହେଉଛି ଏକ ବିକେନ୍ଦ୍ରୀକୃତ ପ୍ଲାଟଫର୍ମ ଯାହା 'ଲୋକ ପ୍ରତିନିଧି ଆଇନ, ୧୯୫୦', 'ଲୋକ ପ୍ରତିନିଧି ଆଇନ୍, ୧୯୫୧' ଏବଂ ଇସିଆଇ ଦ୍ୱାରା ବିଭିନ୍ନ ସମୟରେ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାର୍ଯ୍ୟ କରିଥାଏ । ବିଏଲଓ, ଏଇଆରଓ, ଇଆରଓ, ଡିଇଓ ଏବଂ ସିଇଓମାନେ ନିଜର ନିର୍ଦ୍ଦିଷ୍ଟ ଆଇଡି ଏବଂ ପାସୱାର୍ଡ ବ୍ୟବହାର କରି ଇସିଆଇନେଟ ମାଧ୍ୟମରେ ସେମାନଙ୍କର ନିର୍ଦ୍ଧାରିତ ଆଇନଗତ ଦାୟିତ୍ୱ ସମ୍ପାଦନ କରିପାରିବେ । ଇସିଆଇ ନେଟରେ ଅନଧିକୃତ ପ୍ରବେଶ, ହେରଫେର କିମ୍ବା ହେରଫେରକୁ ରୋକିବା ପାଇଁ କଠୋର ତଥ୍ୟ-ସୁରକ୍ଷା ପ୍ରୋଟୋକଲ, ଆଇଟି ସୁରକ୍ଷା ଯାଂଚ ଏବଂ ଅଡିଟ୍ ନିୟନ୍ତ୍ରଣ ମଧ୍ୟ ଅଛି । ଏହା ପ୍ରବେଶକୁ ଅବରୋଧ କରିବା ପାଇଁ ଏକ ବ୍ୟବସ୍ଥା ନୁହେଁ । ଏହା ଏକ ବ୍ୟବସ୍ଥା ଯାହା କ୍ଷେତ୍ର ଅଧିକାରୀମାନଙ୍କୁ ସେମାନଙ୍କର ସମସ୍ତ ବୈଧାନିକ କର୍ତବ୍ୟ ସୁଗମ ଭାବରେ ସମ୍ପାଦନ କରିବା ପାଇଁ ଏକ ନିରାପଦ ଏବଂ ନିରାପଦ ଡିଜିଟାଲ୍ ପରିବେଶ ପ୍ରଦାନ କରିବା ସହିତ ତଥ୍ୟ ସୁରକ୍ଷା ଏବଂ ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଡିଜାଇନ୍ କରାଯାଇଛି । ତେଣୁ, 'କ୍ଷେତ୍ର ଅଧିକାରୀମାନଙ୍କୁ ଇସିଆଇନେଟ ବ୍ୟବହାର କରିବା ଉପରେ କଟକଣା ଲାଗୁ କରାଯାଇଥିଲା' ବୋଲି ଦାବି ସମ୍ପୂର୍ଣ୍ଣ ଭୁଲ । କ୍ଷେତ୍ର ଅଧିକାରୀ ମାନେ ଇସିଆଇନେଟ ପ୍ଲାଟଫର୍ମ ମାଧ୍ୟମରେ ସେମାନଙ୍କର ନ୍ୟସ୍ତ ଭୂମିକା ଏବଂ ବୈଧାନିକ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରୁଛନ୍ତି ।

**ପ୍ରଶ୍ନ ୯.** ଗୋଆର ୯୭ ଜଣ ଭୋଟରଙ୍କ କ୍ଷେତ୍ରରେ ଘଟିବା ପରି ଇସିଆଇନେଟ ଆପ୍/ସଫ୍ଟୱେର୍ କ'ଣ ପ୍ରକୃତ ଭୋଟରମାନଙ୍କୁ ପ୍ରତ୍ୟାଖ୍ୟାନ କରୁଥିଲା ?

**ଉତର :** ସମ୍ପୂର୍ଣ୍ଣ ମିଥ୍ୟା ଇସିଆଇନେଟ୍ ଆପ୍ କିମ୍ବା ସଫ୍ଟୱେର୍ର ଉଦ୍ଦେଶ୍ୟ ଭୋଟରମାନଙ୍କୁ କାଟିବା ନୁହେଁ । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ଯୋଗ୍ୟ ଭୋଟରଙ୍କ ପଞ୍ଜୀକରଣ ଏବଂ ତାଲିକା ପ୍ରସ୍ତୁତି ପ୍ରକ୍ରିୟାକୁ ସହଜ କରିବା । ଭୋଟର ପଞ୍ଜୀକରଣ ଏବଂ ଭୋଟର ତାଲିକା ପରିଚାଳନାକୁ ସୁଗମ କରିବା ଏହାର ଅନ୍ୟତମ ମୁଖ୍ୟ କାର୍ଯ୍ୟ ଅଟେ । ଭୋଟର ତାଲିକାର ଚୂଡ଼ାନ୍ତ ପ୍ରକାଶନ ପୂର୍ବରୁ, ଆଇନ୍ ଏବଂ ଇସିଆଇର ନିର୍ଦ୍ଦେଶାବଳୀ ଅନୁଯାୟୀ ଭୋଟରଙ୍କୁ ତାଲିକାରେ ସାମିଲ କିମ୍ବା ବାଦ୍ ଦେବା ପାଇଁ ଚିହ୍ନଟ କରିବାର ସୁବିଧା ମଧ୍ୟ ଇସିଆଇନେଟ୍ ଦ୍ୱାରା ଇଆରଓ ମାନଙ୍କୁ ପ୍ରଦାନ କରାଯାଇଥାଏ । ଗୋଆର ୯୭ଟି ମାମଲାରେ, ଇଆରଓମାନଙ୍କ ଦ୍ୱାରା କିଛି ଅଜାଣତରେ ତ୍ରୁଟି ହୋଇଥିଲା । ଏହା ଇସିଆଇନେଟ୍ ସଫ୍ଟୱେର୍ ଦ୍ୱାରା ପ୍ରକୃତ ଭୋଟରଙ୍କୁ କାଟିବା ମାମଲା ନଥିଲା । କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନ ପଡ଼ନ୍ତି ସେ ନେଇ ଇସିଆଇଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି । ଏହି ନୀତିକୁ ଅନୁସରଣ କରି, ଫେବୃଆରୀ ୨୦୨୬ରେ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକାରେ ସାମିଲ ହୋଇପାରି ନଥିବା ୯୭ଟି ମାମଲାକୁ ପୃଥକ ଭାବେ ବିଚାରକୁ ନିଆଯାଇ ଥିଲା । ବିଏଲଓମାନେ ଘରକୁ ଘର ବୁଲି ଏହି ଭୋଟରମାନଙ୍କ ପାଇଁ 'ଫର୍ମ-୬' ପୂରଣ କରିଥିଲେ । ଏହି ଭୋଟରମାନଙ୍କ ମଧ୍ୟରୁ ଅନେକଙ୍କୁ ବର୍ତମାନ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ସାମିଲ ସାରିଥିବା ବେଳେ ଅବଶିଷ୍ଟ ମାମଲାଗୁଡ଼ିକ ଉପରେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ କାର୍ଯ୍ୟ କରାଯାଉଛି । ଇସିଆଇନେଟ୍ ପ୍ରକୃତ ଭୋଟରଙ୍କୁ ବାଦ୍ ଦିଏନାହିଁ । ଏହା ଏକ ସୁରକ୍ଷିତ ଡିଜିଟାଲ୍ ପ୍ଲାଟଫର୍ମ ଯାହା ଭୋଟର ତାଲିକା ପରିଚାଳନା ଏବଂ ଭୋଟର ପଞ୍ଜିକରଣକୁ ସହଜ କରିଥାଏ । ଏହା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ଆଇନ ଏବଂ ପ୍ରକ୍ରିୟା ଅନୁଯାୟୀ ନିଆଯାଇଥିବା ନିଷ୍ପତିକୁ ଦକ୍ଷତାର ସହିତ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରେ । ଇସିଆଇନେଟ୍ ଆପକୁ ପ୍ରଯୁଜ୍ୟ ଆଇନ, ନିର୍ବାଚନ ନିୟମ ଏବଂ ଇସିଆଇ ନିର୍ଦ୍ଦେଶାବଳୀ ଅନୁସାରେ ଡିଜାଇନ୍ କରାଯାଇଛି ।

## ସପ୍ତାହବ୍ୟାପି ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଯାପିତ

ଜଳେଶ୍ୱର(ନିପ୍ର) : ଜଳେଶ୍ୱର ବ୍ଲକ ଆରୁହା ପଂଚାୟତ ଆରୁହା ଗ୍ରାମ ସ୍ଥିତ ବଡ଼ିଆ ସାହି ଭାଗବତ ଟୁଙ୍ଗୀ ପରିସରରେ ଆୟୋଜିତ ସପ୍ତାହବ୍ୟାପୀ ଶ୍ରୀମଦ୍ ଭାଗବତ ସପ୍ତାହ କାର୍ଯ୍ୟକ୍ରମ ଆଜି ଅତ୍ୟନ୍ତ ଭକ୍ତିପୂର୍ଣ୍ଣ ଭାବରେ ଉଦ୍‌ଯାପିତ ହୋଇଯାଇଛି । ଗତ ୨୦ ତାରିଖ ରବିବାରଠାରୁ ଆରମ୍ଭ ହୋଇଥିବା ଏହି ଦିବ୍ୟ ଅନୁଷ୍ଠାନ ଆଜି ୨୬ ତାରିଖ ଶନିବାର ସମ୍ପୂର୍ଣ୍ଣ ହୋଇଛି । ଓଁ ନମୋ ଭଗବତେ ବାସୁଦେବାୟ ମନ୍ତ୍ର ଉଚ୍ଚାରଣ ଏବଂ ଶ୍ରୀମଦ୍ ଭାଗବତ ମହାପୁରାଣର ପବିତ୍ର ଶ୍ଳୋକ ଗାନ ସହ ସମଗ୍ର ଅଂଚଳରେ ଏକ ନିଆରା ଆଧାତ୍ମିକ ଶିହରଣ ସୃଷ୍ଟି ହୋଇଥିଲା । ସପ୍ତାହସାରା ପ୍ରତ୍ୟହ ପ୍ରାତଃ ୫ ଘଟିକାରେ ମଙ୍ଗଳ ଆରତି, ସକାଳ ୯ ଘଟିକାରେ ଭାଗବତ ପାଠ, ସନ୍ଧ୍ୟା ୫ ଘଟିକାରେ ସନ୍ଧ୍ୟା ଆରତି ଏବଂ ସନ୍ଧ୍ୟା ୭ ଘଟିକାରେ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ଭଜନ-କୀର୍ତନ ପରିବେଷିତ ହୋଇଥିଲା । ଏହି ଉଦଯାପନୀ ଉତ୍ସବରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ବ୍ରଜମୋହନ ପ୍ରଧାନ, ସରପଂଚ ତପନୀ ଭୂୟାଁ, ସଦସ୍ୟା ମଧୁମିତା ମହାନ୍ତି, ସଂସ୍କୃତ ମହାବିଦ୍ୟାଳୟର ଅଧକ୍ଷ ଡ.ବିବେକାନନ୍ଦ ସାହୁ, ଯୁବ ନେତା ଶ୍ରୀକଣ୍ଠ ମହାନ୍ତି, ସାମ୍ବାଦିକ ମନୋଜ କୁମାର ଭୂୟାଁ, ଗ୍ରାମ ମୁଖ୍ୟ ଦେବ କୁମାର ନନ୍ଦୀ, ପ୍ରାକ୍ତନ ସରପଂଚ ମଧୁସୁଦନ ଦତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ, ପ୍ରସନ୍ନ କୁମାର ଦାସ, ମନ୍ମଥ ଦାସ, ଗୌରହରି ଦାସ, ସୁଧାଂଶୁ ଭୂୟାଁ, ହରିପଦ ଦାସ, ୱାର୍ଡ ସଭ୍ୟ ଗୋପିକୃଷ୍ଣ ଦାସ, ରମାନାଥ ଦାସ, ସନ୍ତୋଷ ଦାସ, ପୂର୍ଣ୍ଣଚନ୍ଦ୍ର ଦାସ ଙ୍କ ସହ ଭାଗବତ ଟୁଙ୍ଗୀର ସଦସ୍ୟବୃନ୍ଦ ସହଯୋଗ କରିଥିଲେ । ଏଥିରେ ଆରୁହା ଗ୍ରାମ ସହ ଆଖପାଖ ଅଂଚଳର ଶତାଧିକ ଭକ୍ତ ଉପସ୍ଥିତ ରହି ମହାପ୍ରସାଦ ଗ୍ରହଣ କରିବା ସହ ବିଭୁକୃପା ଲାଭ କରିଥିଲେ ।

## ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ଅଭିଯୁକ୍ତ ଗିରଫ

ବ୍ରହ୍ମପୁର(ନିପ୍ର) : ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ କୃଷ୍ଣ ନଗର ୪ର୍ଥ ଲାଇନ ଅଂଚଳରେ ସମୀର ପଣ୍ଡା ନାମକ ଜଣେ ଯୁବକଙ୍କୁ ଆକ୍ରମଣ ହୋଇଥିଲା । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଶ୍ରୀଧର ସାହୁଙ୍କୁ ଗିରଫ କରିଛି । ଗତକାଲି ଗଣେଶ ମୂର୍ତି ବିସର୍ଜନଙ୍କୁ ଗଲା ବେଳେ କୃଷ୍ଣ ନଗର ଅଂଚଳରେ ସମୀର ଓ ଶ୍ରୀଧରଙ୍କ ମଧ୍ୟରେ ବଚସା ହୋଇଥିଲା । ପରେ ଶ୍ରୀଧର ଅଭିଯୋଗକାରୀ କିରଣଙ୍କ ଆଖିର ଉପର ଅଂଶଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ସମୀର ଆହତ ହୋଇ ମେଡ଼ିକାଲରେ ଭର୍ତି ହୋଇଥିଲେ । ସମୀରଙ୍କ ମଥାରେ ୩ଟି ଷ୍ଟ୍ରୀଜ୍ ପଡ଼ିଥିବାଜଣାପଡିଛି । ଶନିବାର ସନ୍ଧ୍ୟାରେ ପୁଲିସ ଅଭିଯୁକ୍ତ ଶ୍ରୀଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଲଗାଣ ବର୍ଷା ଯୋଗୁଁ ବହୁ ଗ୍ରାମ ଜଳବନ୍ଦୀ

ଉଦଳା(ନିପ୍ର) : ଓଡ଼ିଶାରେ ଲାଘୁଚାପ୍ ଜ ନିତ ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଉଥିବା ଯୋଗୁଁ ଲୋକମାନେ ବହୁତ ହଇରାଣ ହେଉଛନ୍ତି କପ୍ତିପଦ ଉପଖଣ୍ଡରେ ବର୍ଷା ଯୋଗୁଁ ଅଧିକାଂଶ ନଦୀ ଜଳସ୍ତର ବିପଦ ରେ ପକାଇଛି । ଉଦଳା ବାଲେଶ୍ୱର ରାସ୍ତା ରେ ଜାମୁଘଟ ଦେଓ ନଦୀରେ ଅସ୍ଥାୟୀ ପୋଲ ଧୋଇ ଯିବା ଫଳରେ ଗମନା ଗମନ ଠପ୍ ହୋଇ ଯାଇଛି । ଉପଖଣ୍ଡ ର ଦୁଗ୍ଧା । ପଂଚାୟତ ପ୍ରାୟ ଅଧିକ କ୍ଷତି ହୋଇଛି । ଉଦଳ ଦୁଗୁଧା ରାସ୍ତା ରେ ଦେଓ ନଦୀ ରେ ଥିବା ପୋଲ ଉପରେ ପ୍ରାୟ ୭ ଫୁଟ ଉଚ୍ଚତା ରେ ପାଣି ପ୍ରବାହିତ ହେଉଥିଲା । ଗ୍ରାମରେ ଆଠ ଦଶଟି ଘରେ ପାଣି ପଶିବା ଫଳରେ ଘରର ଆସବାବ ପତ୍ର ନଷ୍ଟ ହୋଇ ଯାଇଛି । ସରକରଙ୍କ ଦ୍ୱାରା ଲୋକମାନଙ୍କୁ ବିସ୍କୁଟ ପ୍ରଦାନ କରା ଯାଇଥିଲା । ପଣସ ଗଡି ଗ୍ରାମରେ ମଧ୍ୟ ପାଣି ପଶିବା ଫଳରେ ଲୋକମାନେ ବହୁତ ହଇରାଣ ହୋଇଛନ୍ତି । ସୋନ ନଦୀ ରେ ବନ୍ୟା ଯୋଗୁ ଅଠଣ ଗାଁ ରେ ଥିବା କଳିଙ୍ଗ ପୁତ୍ର ବସ ମାଲିକ କମଳା କାନ୍ତ ରଣାଙ୍କ ଗୋଟେ ବସ ପ୍ରାୟ ଫୁଟେ ପାଣି ଭିତରେ ଅଛି । ଉପର ଓଳି ରାଢ଼ରୁ ଉଦଳା ଆସିବା ପାଇଁ ପୋଲିଣ ଜନ ସାଧାରଣ ଙ୍କୁ ବାରଣ କରିବା ଦେଖା ଯାଉଥିଲ ।

## କବିବରଙ୍କ ଜୟନ୍ତୀ ଉପଲକ୍ଷେ ରାଧାନାଥ ସାହିତ୍ୟ ଆଧାରିତ ପ୍ରତିଯୋଗିତା

ସୋର(ନିପ୍ର) : ସୋର ପବ୍ଲିକ ସ୍କୁଲ ଠାରେ ସୋର ପଂଚାୟତ ସମିତି ସ୍ତରୀୟ ସାହିତ୍ୟ ଆଧାରିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା କବିବର ରାଧାନାଥ ରାୟଙ୍କ ୧୭୮ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସୋର ପଂଚାୟତ ସମିତିର ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୋର ବ୍ଲକର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀମାନେ ପୂର୍ଣ୍ଣ ସହଯୋଗ କରିଥିଲେ । କବିବରଙ୍କ କବିତା ଆବୃତି, ପ୍ରବନ୍ଧ, ବକ୍ତୃତା, ସାଧାରଣ ଜ୍ଞାନରେ ଉପକନିଷ୍ଠ ୩ୟ ରୁ ୫ମ କନିଷ୍ଠ, ୬ଷ୍ଠରୁ ୮ମ ଏହା ପ୍ରଥମ ପର୍ଯ୍ୟାୟରେ କ୍ଲଷ୍ଟର ସ୍ତରୀୟ ପ୍ରତିଯୋଗିତାମାନ ସମସ୍ତ ୧୭ ଗୋଟି କ୍ଲଷ୍ଟର ମୋଟ ୧୧୭ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଯୋଗଦେଇଥିବା ବେଳେ ବରିଷ୍ଠ ବିଭାଗରେ ୯ ମ ଓ ୧୦ ମ ଶ୍ରେଣୀର ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଏହି ବିଶାଳ କାର୍ଯ୍ୟକ୍ରମରେ ପ୍ରତିଯୋଗିତାରେ ବିଚାରକ ଭାବେ କବିବର ସ୍ମୃତି ସଂସଦର କର୍ମକାର୍ତା ଓ ସୋର ପବ୍ଲିକ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟ ତୁଲାଇଥିଲେ । କବିବର ରାଧାନାଥ ସ୍ମୃତି ସଂସଦର ସମ୍ପାଦକ ଅନିରୁଦ୍ଧ ରାଉତ, ଗୌରାଙ୍ଗ ମହାପାତ୍ର, ଉଦ୍ଧବ ଚରଣ ବିଶ୍ୱାଳ, ଗଙ୍ଗାଧର ପାଢ଼ୀ, ଶ୍ରୀଧର ପ୍ରସାଦ ବେହେରା, ପ୍ରଦୀପ କୁମାର ଦାସ, ମହେଶ୍ୱର ବେହେରା, ହିମାଂଶୁ ଭୂଷଣ ପଣ୍ଡା, ରାଧାନାଥ ପାଠାଗାର ର ସମ୍ପାଦକ ଦାମୋଦର ଦାଶ ମହାପାତ୍ର ପରିଚାଳନା କରିଥିଲେ । କୃତି ଛାତ୍ରଛାତ୍ରୀମାନଙ୍କୁ କବିବରଙ୍କ ୧୭୮ ତମ ଜୟନ୍ତୀ ଅବସରରେ ଜନ୍ମପୀଠ କେଦାରପୁର ଠାରେ ପୁରସ୍କୃତ କରାଯିବ ।

# ଜଳ ଘରରେ ୯ ଗୋଟି ପଂଚାୟତ: ବନ୍ୟାଂଚଳ ପରିଦର୍ଶନ କଲେ ଜିଲ୍ଲାପାଳ



ସିମୁଳିଆ(ନିପ୍ର): ଚଳିତ ଲଘୁଚାପ ଜନିତ ବର୍ଷା ଯୋଗୁଁ ୯ରୁ ଉର୍ଦ୍ଧ୍ୱ ପଂଚାୟତରେ ୨୦ରୁ ଉର୍ଦ୍ଧ୍ୱ ଗାଁ ଗୋଡ଼ିକ ଜଳମଗ୍ନ କ୍ଷ ଏହି ଅଂଚଳ ଗୋଡ଼ିକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ଦିଆଯାଇଥିବା ଜଣାଯାଇଛି କ୍ଷ ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ୨୨ଗୋଟି ପଂଚାୟତରୁ ୯ଗୋଟି ପଂଚାୟତ ଅଡା ପଂଚାୟତ ଅଡା, ଈଶ୍ୱରପୁର ପଂଚାୟତର ଆମ୍ବୁଲପଡ଼ା, ଶବଙ୍ଗ ପଂଚାୟତର କଂଟାପଡା ଆଦିବାସୀ ସାହି , ବରବାଙ୍କ, ସହଜପଦା ମାଟିଆ ସାହି, ଆନନ୍ଦପୁର ପଂଚାୟତର ଅଜିପୁର, ଆନନ୍ଦପୁର, ମହମ୍ମଦପୁର, ବିନ୍ଧାଣିସାହି, ବାଉରୀପଦା ପଂଚାୟତର ପଣ୍ଡୁ, ନିଶ୍ଚନ୍ତା, ବରିହା, କୁରୁକୁରିଆ, ଜାମ୍ବୁଝାଡ଼ି ପଂଚାୟତର ଦୀପ, ନଅରପଦା, ରାଧାବଲ୍ଲଭପୁର, ବାଟି ପଂଚାୟତର ବାଟି, ବେଦପୁର, ଚାଲୁଣୀ ଗାଁ ପଂଚାୟତର ସାଧୁବୀର, ନରସିଂହପୁର, କ୍ଷୀରକୋଣା ଆଦି ଅଂଚଳରେ ଶୁକ୍ରବାର ରାତିରେ ହଠାତ ଜଳସ୍ତର ବୃଦ୍ଧି ପାଇଥିବା ଅଂଚଳ ବାସୀ ପ୍ରକାଶ କରିଛନ୍ତି କ୍ଷ ଘରେ ପାଣି ପଶିଯିବା ଯୋଗୁଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ସିମୁଳିଆରେ ଜଳମଗ୍ନ ଅଂଚଳ ପରିଦର୍ଶନ କରିବା ସହ ତୁରନ୍ତ ସେମାନଙ୍କୁ ୯ଟି ସ୍ଥାନରେ ଶୁଖିଲା ଖାଦ୍ୟ ଦେବା ସହ ୨ଟି ସ୍ଥାନରେ ତୁରନ୍ତ ରନ୍ଧାଖାଦ୍ୟ ଦେବାକୁ ବ୍ଲକ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ଅଡା ଦମକଳ ବାହିନୀ ପକ୍ଷରୁ ସବଙ୍ଗ କଂଟାପଡା ଆଦିବାସୀ ସାହିରେ ଡ଼ଙ୍ଗା ସାହାଯ୍ୟରେ ସ୍ଥାନୀୟ ସରପଂଚ ଓ ସମିତି ସଭ୍ୟଙ୍କ ମିଳିତ ଉଦ୍ୟମରେ ଉଦ୍ଧାର କାର୍ଯ୍ୟ କରିବା ସହ ଶୁଖିଲା ଖାଦ୍ୟ ବ[ନ କରିଥିବା ଦେଖିବାକୁ ମିଳିଛି କ୍ଷ ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ସିମୁଳିଆ ବିଡ଼ିଓ ସୁନିଲ କୁମାର ଟୁଡୁ, ତହସିଲଦାର ସୌମ୍ୟରଞ୍ଜନ ମହାପାତ୍ର, ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ ହାତିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନସ୍ଥ ଛମୌଜ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଦୁଇଜଣ ନିଷ୍ଠାପର ଆଶା କର୍ମୀଙ୍କ ଚାକିରିର ୨୦ ବର୍ଷ ପରେ ଆଜି ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ଅତ୍ୟନ୍ତ ଆନନ୍ଦଉଲ୍ଲାସ ଓ ଭାବପୂର୍ଣ୍ଣ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଯାଇଛି ।ଆରୁହା ଗ୍ରାମର ଆଶା କର୍ମୀ ଅନ୍ନପୂର୍ଣ୍ଣା ସାମଲ୍ ଏବଂ ରାୟା ରାମଚନ୍ଦ୍ରପୁର ଗ୍ରାମର ଉଷାମଣି କରଣଙ୍କ ଦୀର୍ଘ ଦିନର ସ୍ୱାସ୍ଥ୍ୟ ସେବା ଓ ନିରବଛିନ୍ନ ସାମାଜିକ ଯୋଗଦାନକୁ ସମ୍ମାନ ଜଣାଇ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।ଏହି ସମ୍ବର୍ଦ୍ଧନା ସଭାରେ ଛମୌଜ୍ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଭବଶଙ୍କର ଗିରି, ଡାକ୍ତର ସତ୍ୟପ୍ରିୟ ଦେ, ଡାକ୍ତର ସଞ୍ଜିବ କୁମାର ପଣ୍ଡା, ଫାର୍ମାସିଷ୍ଟ ଶ୍ରୀକାନ୍ତ ପ୍ରଧାନ, ଶାଶ୍ୱତୀ ଜେନା, ମଧୁସ୍ମିତା ବାରିକ, ସୁଶ୍ରୀସଂଜ୍ଞା ସେନାପତି, ମାତୃ ତନୟା ମହାନ୍ତି, ପ୍ରିୟଦର୍ଶିନୀ ପୃଷ୍ଟି, ଦୀପିକା ଧଳ, ବିନତି ଟୁଡୁ, ଇନ୍ଦିରା ହୁଇ, ଶ୍ରିଛନ୍ଦା ରାଉଳ, ଦୀପକ୍ କୁମାର ପ୍ରଧାନ, ଯଶୁଦା ଘଡ଼େଇଙ୍କ ସମେତ ସ୍ୱାସ୍ଥ୍ୟ କେନ୍ଦ୍ରର ବହୁ କର୍ମଚାରୀ ଉପସ୍ଥିତ ଥିଲେ । ଏହା ସହିତ ଗୋପିମହନପୁର, ରାୟା ରାମଚନ୍ଦ୍ରପୁର, ବର୍ଡନା, ପଶ୍ଚିମବାର୍ଡ଼, ବାଇଗଣବାଡ଼ିଆ ଓ ପାଇକାସିଦା ଗ୍ରାମର ସମସ୍ତ ଆଶା କର୍ମୀ ଯୋଗଦେଇ ବିଦାୟୀ ଆଶା ଭଉଣୀଦ୍ୱୟଙ୍କ ଭବିଷ୍ୟତ ସୁଖମୟ ଜୀବନ କାମନା କରିଥିଲେ । ଏହି ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଆଶା କର୍ମୀ କଳ୍ପନା ଦାସ, ସବିତା ଦାସ, କିରଣ ବାଳା ନାଥ, ଝରଣା ଦାସ, ଅନୁଭା ସାମଲ୍, ଲକ୍ଷ୍ମି ପ୍ରିୟା ଦାସ ଓ ଜାନକୀ ରାଉଳ ପ୍ରମୁଖ ସମସ୍ତ ଦାୟିତ୍ୱ ବହନ କରି ସଭାକୁ ସଫଳ ମଣ୍ଡିତ କରିଥିଲେ ।

# ଗୀତାଶ୍ଳୋକ ଆବୃତି ପ୍ରତିଯୋଗିତା ଅନୁଷ୍ଠିତ

ନୟାଗଡ଼(ନିପ୍ର): ଚିନ୍ମୟ ମିଶନ ନୟାଗଡ଼ ଶାଖା ପକ୍ଷରୁ ଆଜି ପୂର୍ବାହ୍ନରେ ସ୍ଥାନୀୟ ପିଟିଏସ ରୋଡ଼ସ୍ଥିତ ଭାରତ ବିକାଶ ପରିଷଦ ଭବନରେ ଏକ ଜିଲ୍ଲାସ୍ତରୀୟ ଗୀତାଶ୍ଳୋକ ଆବୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ନୟାଗଡ଼ ଜିଲ୍ଲାର ବିଭିନ୍ନ ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବେଶ୍ ଆଗ୍ରହର ସହ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ଉଦ୍ଘାଟନୀ ସମାରୋହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ମଧୁମିତା ରଥ ଏବଂ ଚିନ୍ମୟ ମିଶନ ଭୁବନେଶ୍ୱରର ଅଧ୍ୟକ୍ଷ ସ୍ୱାମୀ ଚିତଘନାନନ୍ଦ ସରସ୍ୱତୀ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ । ଅତିଥିମାନେ ଆଜିର ଯାନ୍ତ୍ରିକ ଯୁଗରେ ମାନବ ଜୀବନରେ ଶ୍ରୀମଦ୍ ଭାଗବତ ଗୀତାର ଶିକ୍ଷା ଓ ଆବଶ୍ୟକତା ସମ୍ପର୍କରେ ମୂଲ୍ୟବାନ୍ ଆଲୋକ ପାତ କରିଥିଲେ । ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଇଂ ଦେବାଶିଷ ପଟ୍ଟନାୟକ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ଉପସ୍ଥିତ ସମସ୍ତ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା । ଚିନ୍ମୟ ମିଶନ ନୟାଗଡ଼ ଶାଖାର ସଭାପତି ସୁରେନ୍ଦ୍ରନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ସମ୍ପାଦକ ଘନଶ୍ୟାମ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଗୀତା ଶ୍ଳୋକ ଆବୃତି ପ୍ରତିଯୋଗିତାରେ ଅଧ୍ୟାପିକା ନୀଳିମା ନନ୍ଦ, ଅକ୍ଷୟ କୁମାର ସାହୁ ଏବଂ ରବୀନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମିଶନର ସଂଯୋଜିକା ଶ୍ରାବଣୀ ମିଶ୍ର ସଦସ୍ୟ ଅରୁଣ କୁମାର ମହାନ୍ତି, ପ୍ରସନ୍ନ କୁମାର ବସନ୍ତିଆ, ଦୁର୍ଯ୍ୟୋଧନ ସାହୁ, ଅନାଦି ଚରଣ ମହାନ୍ତି, ପ୍ରଦୀପ କୁମାର ସାହୁ, ଲକ୍ଷ୍ମୀଧର ସାହୁ, ସତ୍ୟନାରାୟଣ ସାହୁ, ପଦ୍ମଚରଣ ସାହୁ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଦୀପ୍ତ କୁମାର ସାହୁ ଏବଂ ଉଦୟନାଥ ନାୟକ ପ୍ରମୁଖ ସକ୍ରିୟ ଭାବେ ସହଯୋଗ କରି ସାଫଲ୍ୟ ମଣ୍ଡିତ କରିଥିଲେ ।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ମାଟି ଘର



ନୂଆପଡ଼ା(ନିପ୍ର): ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଲୋଦ୍ରା ଗ୍ରାମରେ କ୍ରମାଗତ ଲଗାଣ ବର୍ଷା ଯୋଗୁଁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି । ଗ୍ରାମର ଅତ୍ୟନ୍ତ ଗରିବ ଓ ନିରୀହ ମହିଳା ପବନ ବାଇ ମାଝୀଙ୍କ ମାଟି ଘରଟି ବର୍ଷା ଜଳରେ ସମ୍ପୂର୍ଣ୍ଣ ଭାଙ୍ଗି ଭୁଶୁଡ଼ି ପଡ଼ିଛି । ଘର ଭାଙ୍ଗିବାର ସ୍ଥିତି ଓ ଆଶଙ୍କାକୁ ଦେଖି ପବନ ବାଇ ଓ ତାଙ୍କ ପରିବାର ସମୟପୂର୍ବରୁ ଘରୁ ବାହାରକୁ ବାହାରି ଆସିଥିବାରୁ ଏକ ବଡ଼ ଧରଣର ଜୀବନହାନିରୁ ଅଳ୍ପକେ ବର୍ତି ଯାଇଛନ୍ତି । ତେବେ ଘରଟି ସମ୍ପୂର୍ଣ୍ଣ ମାଟିରେ ମିଶିଯିବା ଫଳରେ ଭିତରେ ଥିବା ସମସ୍ତ ଖାଦ୍ୟଶସ୍ୟ, ଲୁଗାପଟା ଓ ନିତ୍ୟ ବ୍ୟବହାର୍ଯ୍ୟ ଆସବାବ ପତ୍ର ନଷ୍ଟ ହୋଇଯାଇଛି । ଏହି ବିପଦ ସମୟରେ ମୁଣ୍ଡ ଗୁଞ୍ଜିବାକୁ ଟିକିଏ ବି ଆଶ୍ରୟ ନଥାଇ ପରିବାରଟି ବର୍ତମାନ ପଡ଼ୋଶୀଙ୍କ ଜାଗାରେ ଅତ୍ୟନ୍ତ କଷ୍ଟକର ପରିସ୍ଥିତିରେ ଦିନ କାଟୁଛନ୍ତି । ଘଟଣାକୁ ଅନେକ ସମୟ ବିତିଯାଇଥିଲେ ସୁଦ୍ଧା ବର୍ତମାନ ପର୍ଯ୍ୟନ୍ତ କୌଣସି ଜନପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଂଚି ନଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏହି ଜାରି ରହିଥିବା ଝଡ଼ି ବର୍ଷାରେ ଆଶ୍ରୟହୀନ ହୋଇପଡ଼ିଥିବା ପବନ ବାଇଙ୍କ ପରିବାର ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ନିରୀହ ପରିବାରର ଦୁଃଖକୁ ଦୃଷ୍ଟିରେ ରଖି ସେମାନଙ୍କୁ ଆବଶ୍ୟକୀୟ ତ୍ରାଣ ସାମଗ୍ରୀ ଓ ଆବାସ ଯୋଜନାରେ ସରକାରୀ ଘର ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ, ସଦର ବ୍ଲକ ପ୍ରଶାସନ ଏବଂ ସ୍ଥାନୀୟ ପଂଚାୟତ ପ୍ରଶାସନ ନିକଟରେ ଗ୍ରାମବାସୀଙ୍କ ପକ୍ଷରୁ ଆକୁଳ ଗୁହାରି କରାଯାଇଛି । ପ୍ରଶାସନ ଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ହସ୍ତକ୍ଷେପ ନକଲେ, ଏହି ଗରିବ ପରିବାରଟି ଆଗାମୀ ଦିନରେ ଅଧିକ ଦୁର୍ଦ୍ଦଶା ଭୋଗିବ ବୋଲି ଆଶଙ୍କା କରାଯାଉଛି ।

# ଡିଏଭିରେ 'ବିହନ ଗୋଲା ପ୍ରସ୍ତୁତି' ନେଇ କ୍ଷମତା ବିକାଶ କର୍ମଶାଳା

ଝାରସୁଗୁଡ଼ା(ନିପ୍ର): ଭାରତ ସରକାରଙ୍କ ପରିବେଶ, ବନ ଓ ଜଳବାୟୁ ପରିବର୍ତନ ମନ୍ତ୍ରଣାଳୟର ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅନ୍ତର୍ଗତ ପରିବେଶ ସୁରକ୍ଷା, ଜୈବ ବିବିଧତାର ସଂରକ୍ଷଣ ତଥା ସବୁଜ ପରିବେଶ ସୃଷ୍ଟି କରିବା ଲକ୍ଷ୍ୟ ନେଇ ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ପରିବେଶ ଶିକ୍ଷାଧର୍ମୀ କାର୍ଯ୍ୟକ୍ରମ 'ବିହନ ଗୋଲା ପ୍ରସ୍ତୁତି' ବିଷୟକ ଏକ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅଭିନବ ପରିବେଶ ସଚେତନତା କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଡ. ରାଧାକାନ୍ତ ଗଡ଼ତିଆ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରକୃତି ସହ ନିବିଡ଼ତା ରଖିବା ସହିତ ତାର ଯତ୍ନ ନେବା ପାଇଁ ଶିକ୍ଷକ ପ୍ରଶିକ୍ଷାର୍ଥୀମାନଙ୍କୁ ଆହ୍ୱାନ କରିଥିବା ବେଳେ ଝାରସୁଗୁଡ଼ା ତହସିଲଦାର ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ସଦାକର କୁମ୍ଭାର ସମ୍ମାନିତ ଅତିଥି ଭାବରେ ଯୋଗଦାନ ପୂର୍ବକ ଅଧିକରୁ ଅଧିକ ଚାରା ରୋପଣ କରିବା ସାଙ୍ଗକୁ ସେଗୁଡ଼ିକର ତଥା ପରିବେଶର ଯତ୍ନ ନେବା ନିତାନ୍ତ ଜରୁରୀ ବୋଲି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କର୍ମଶାଳାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ସର୍ବମୋଟ ୫୧ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ଏନ.ସି.ଏନ.ଏଫ.ରୁ ରାଜ୍ୟ ସମନ୍ୱୟକ ମହମ୍ମଦ ଇମ୍ରାନ ଅଲୀ ମୁଖ୍ୟ ପ୍ରଶିକ୍ଷକ ଯୋଗ ଦେଇ କର୍ମଶାଳାରେ ପରିବେଶ ସୁରକ୍ଷା, ସ୍ୱଚ୍ଛତା, ଜଳ ସଂରକ୍ଷଣ, ଜୈବ ବିବିଧତା, ବୀଜ ଗୋଲା ପ୍ରସ୍ତୁତି ଓ କ୍ରିୟାନ୍ୱୟନ ସନ୍ଦର୍ଭରେ ଆଲୋକପାତ କରିଥିଲେ । ଅଭିଜ୍ଞ ଶିକ୍ଷୟିତ୍ରୀ ନୀଳିମା ପଟେଲ ଓ ଆହ୍ଲାଦ ନାଏକ କର୍ମଶାଳାର ସଂଯୋଜନା କରିବା ସହିତ ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ପରବର୍ତୀ କ୍ରିୟାକଳାପ ଓ କ୍ରିୟାନ୍ୱୟନ ସାଙ୍ଗକୁ ନିଜ ନିଜ ବିଦ୍ୟାଳୟର ଇକୋ କ୍ଲବର କାର୍ଯ୍ୟକାରିତା ସମ୍ପର୍କରେ ଦଳଗତ ଆଲୋଚନା କରିଥିଲେ । ଉଦଯାପନୀ ଅବସରରେ ଝାରସୁଗୁଡ଼ା ବନ ମଣ୍ଡଳର ସହକାରୀ ବନ ସଂରକ୍ଷକ ଜ୍ଞାନେନ୍ଦ୍ର ଲିମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୀଜ ଗୋଲା ପ୍ରସ୍ତୁତି ମାଧ୍ୟମରେ ସ୍ଥାନୀୟ ଉଦ୍ଭିଦ ପ୍ରଜାତିର ବୀଜ ସଂରକ୍ଷଣ, ବୃକ୍ଷରୋପଣକୁ ପ୍ରୋତ୍ସାହନ, ଜୈବ ବିବିଧତାର ବିକାଶ, ଅକସିଜେନ ପରିମାଣ ବୃଦ୍ଧି ଲାଗି ପଦକ୍ଷେପ ଆଦି ବିଷୟବିନ୍ଦୁ ଉପରେ ଭାବବ୍ୟକ୍ତ କରିଥିଲେ ଓ ଲାଇକେରା ବ୍ଲକ ଶିକ୍ଷା ଅଧିକାରୀ ହିମାଂଶୁ ବାଗ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ । ଅଧ୍ୟକ୍ଷ ଶ୍ରୀ ଦେବତା ପରିବେଶୀୟ ଗୁରୁତ୍ୱ ଓ ସଚେତନତା ସମ୍ପର୍କରେ ନିଜ ବିଚାର ବ୍ୟକ୍ତ କରିଥିଲେ ।

# ୨୪୦୦ବିସ୍ଥାପିତଙ୍କୁ ରନ୍ଧାଖାଦ୍ୟ ଓ ରିଲିଫ ବଂଟନ



ଧାମନଗର(ନିପ୍ର): ଧାମନଗର ବ୍ଲକ ରେ ବନ୍ୟା ପରିସ୍ଥିତି ଜଟିଳ ହେଉଛି । ଧାମନଗର ବ୍ଲକ ର ୨୪ ଟି ପଂଚାୟତର ୬୬ ଟି ଗ୍ରାମ ଏବଂ ୧ ଟି ପୌରାଂଚଳର ୪ ଟି ୱାର୍ଡ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଛି । ଏହାଦ୍ୱାରା ମୋଟ ୫୪,୩୩୨ ଜଣ ଜନସାଧାରଣ ପ୍ରଭାବିତ ହୋଇଛନ୍ତି । ଜଳବନ୍ଦୀ ଅଂଚଳରୁ ୨,୪୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବିସ୍ଥାପିତ ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ୭ଟି ମାଗଣା ରନ୍ଧାଖାଦ୍ୟ କେନ୍ଦ୍ର ଖୋଲାଯାଇ ସମସ୍ତ ୨,୪୦୦ ଜଣଙ୍କୁ ପ୍ରସ୍ତୁତ ଖାଦ୍ୟ ଯୋଗାଇ ଦିଆଯାଉଛି । ଏଥିସହିତ ଜରୁରୀକାଳୀନ ରିଲିଫ୍ ସାମଗ୍ରୀ ଭାବେ ଆଜି ୫.୪ କ୍ୱିଂଟାଲ୍ ଚୁଡ଼ା ଏବଂ ୫୪ କିଲୋଗ୍ରାମ୍ ଗୁଡ଼/ଚିନି ପ୍ରଭାବିତ ଅଂଚଳରେ ବଂଟନ କରାଯାଇଛି ।ବନ୍ୟା ଅଂଚଳରେ ସ୍ୱାସ୍ଥ୍ୟସେବା ଓ ଗୋ-ସମ୍ପଦର ସୁରକ୍ଷା ପାଇଁ ଡାକ୍ତରୀ ଦଳ ଏବଂ ପ୍ରାଣୀ ସେବା ଟିମ କୁ ମଧ୍ୟ ପ୍ରସ୍ତୁତ ରଖାଯାଇଛି । ପ୍ରଶାସନିକ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରି ରିଲିଫ୍ କାର୍ଯ୍ୟର ତଦାରଖ କରୁଛନ୍ତି । ନାଳିଆ ନଦୀର ଆଙ୍କୁଲ ଠାରେ ଘାଇ ହେବା ଦ୍ୱାରା ସହିଦନଗର, ଲୁଣିଆ ସମେତ ବିଭିନ୍ନ ଗ୍ରାମର ରେ ବନ୍ୟାଜଳ ପ୍ରବେଶ କରିଛି । ବନ୍ୟା ଦ୍ୱାରା ଧାମନଗର - ଫଳପୁର, ଆନନ୍ଦପୁର - ଖଡ଼ିପଦା, ଦୋବଲ- ସେଣ୍ଡପୁର, ବେଦପୁର - ପଧାନି, ଭଗତପୁର - ପଧାନି, କୋଠାର - ଅଶୁରାଳୀ - ଧୁଷୁରୀ, ଧୁଷୁରୀ - ଗୋପବନ୍ଧୁ ନଗର ରାସ୍ତା ରେ ବନ୍ୟାପାଣି ପ୍ରବାହିତ ହେଉଛି ।ଫଳରେ ଯାତାୟାତରେ ବାଧା ସୃଷ୍ଟି ହୋଇଚି । ହସନାବାଦ ଓ ଅର୍ଜୁନପୁର ପଂଚାୟତ ରେ ବିଭିନ୍ନ ଗ୍ରାମ ଏବେ ଜଳବନ୍ଧି ରେ ଅଛନ୍ତି । ଏହି ବନ୍ୟା ରେ ଚାଷଜମି ନଷ୍ଟ ହୋଇଚି ।

# ଜଳବନ୍ଦୀ ୨୦୦ ପରିବାର ଘରେ ପଶିଲା ବନ୍ୟାଜଳ



ଧାମନଗର(ନିପ୍ର): ବାତ୍ୟା 'ଅର୍ଣ୍ଣବ' ପ୍ରଭାବରେ ଲଗାଣ ବର୍ଷା ଯୋଗୁଁ ରେବ ନଦୀର ଜଳସ୍ତର ବୃଦ୍ଧି ପାଇଛି । ଏହାର ପ୍ରଭାବରେ ଧାମନଗର ବ୍ଲକ ଭଗବାନପୁର ପଂଚାୟତର ଇଛଦା ଓ ବ୍ରହ୍ମପୁର ଗ୍ରାମର ପ୍ରାୟ ୨୦୦ ପରିବାର ଜଳବନ୍ଦୀ ହୋଇପଡ଼ିଛନ୍ତି । ତଳିଆ ଅଂଚଳରେ ବନ୍ୟାଜଳ ଜମି ରହିବା ସହ କେତେକ ଘର ଭିତରକୁ ପାଣି ପଶିଛି । ଲଗାଣ ବର୍ଷାରେ ଦୁଇ ଗ୍ରାମର ଅନେକ ମାଟି ଘର ର କାନ୍ଥ ଭୁଶୁଡ଼ି ପଡ଼ିଛି । ଚାରିଦିନ ଧରି ଅନେକ ପରିବାର ଘରୁ ବାହାରି ନପାରି ଦୁର୍ଦ୍ଦଶାରେ ଦିନ କାଟୁଛନ୍ତି । କେତେକ ପରିବାରଙ୍କୁ ପଲିଥିନ୍ ମିଳିଥିଲେ ମଧ୍ୟ ଅନେକ ପ୍ରଭାବିତ ପରିବାର ଏବେ ବି ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି । ଶନିବାର ଭଗବାନପୁର ପଂଚାୟତ ବିଜେଡିର ଏକ ପ୍ରତିନିଧି ଦଳ ଇଛଦା ଓ ବ୍ରହ୍ମପୁର ଗ୍ରାମର ବନ୍ୟା ପ୍ରଭାବିତ ଅଂଚଳ ପରିଦର୍ଶନ କରିଥିଲେ । ଜଳବନ୍ଦୀ ପରିବାରଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବୁଝିଥିଲେ । କ୍ଷତିଗ୍ରସ୍ତ ପରିବାରଙ୍କୁ ଚିହ୍ନଟ କରି ତୁରନ୍ତ ରିଲିଫ ଓ ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବାକୁ ଦଳ ପକ୍ଷରୁ ଦାବିକରାଯାଇଛି । ପରିଦର୍ଶନରେ ପଂଚାୟତ ସମିତି ସଭ୍ୟ ସୁଦୀପ୍ତ ଖଟୁଆ, ନାଏବ ସରପଂଚ ତଥା ବିଜେଡି ପଂଚାୟତ ସଭାପତି ଗୌରାଙ୍ଗ ଦାସ, ବରିଷ୍ଠ ନେତା ସୁରେନ୍ଦ୍ର ନନ୍ଦୀ, ନରୋତମ ଦେ, ଯୁବନେତା ମୋହନ ବେହେରା, ଚକ୍ରଧର ରାଉତ, ଅଶୋକ ରାଉତ, କାଳନ୍ଦୀ ଜେନା ଏବଂ ୱାର୍ଡ ସଭ୍ୟା ବାସନ୍ତୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଇଓ ଅଫିସ ଘେରିଲେ ଗ୍ରାମବାସୀ

ସୋର(ନିପ୍ର): ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଆଜି ମଧ୍ୟାହ୍ନରେ ସୋର ବ୍ଲକ କେଦାରପୁର ଓ ମାଣତ୍ରୀ ପଂଚାୟତର ଶତାଧିକ ଲୋକେ ବିଇଓ କାର୍ଯ୍ୟାଳୟ ଘେରାଉ କରିଥିଲେ । ସୂଚନା ଅନୁସାରେ ଚମ୍ପୋ ନୋଡାଲ ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ ଜଣ ପିଲା ପାଠ ପଢୁଥିବା ବେଳେ ଏଠାରେ ୫ ଜଣ ଶିକ୍ଷକଙ୍କ ବଦଳରେ ୩ ଜଣ ଶିକ୍ଷୟିତ୍ରୀ ଅଛନ୍ତି । ସେମାନଙ୍କ ମଧ୍ୟରୁ ଗତ ୯ ମାସ ଧରି ଜଣେ ଶିକ୍ଷୟିତ୍ରୀ ଛୁଟିରେ ଥିବା ବେଳେ ଅନ୍ୟଜଣେ ବିଏଲଓ ଚାର୍ଜରେ ଅଛନ୍ତି । ଶିକ୍ଷକ ନଥିବାକାରଣରୁ ପିଲାଙ୍କୁ ପାଠ ପଢ଼ାଯାଇ ନଥିବା ବେଳେ ପିଲାମାନେ କିପରି ଭାବେ ପରୀକ୍ଷା ଦେବେ ତାକୁ ସେ ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । କରିଛନ୍ତି । ସେହିପରି ମାର୍କଣ୍ଡଚନ୍ଦ୍ର ନୋଡାଲ ସ୍କୁଲରେ ୭୦ ଜଣ ପିଲାଙ୍କୁ ୫ ଜଣ ଶିକ୍ଷକ ବଦଳରେ ମାତ୍ର ତିନିଜଣ ଶିକ୍ଷକ ଶିକ୍ଷାଦାନ କରୁଥିବାରୁ ପିଲାମାନେ ସମ୍ପୂର୍ଣ୍ଣ ବିଷୟ ପଢିନାହାନ୍ତି । ତେବେ କିପରି ଭାବେ ପରୀକ୍ଷା ଦେବେ ତାକୁ ନେଇ ପ୍ରଶ୍ନ କରିଛନ୍ତି ଅଭିଭାବକମମାନେ । ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ପାଇଁ ଉଭୟ ଗ୍ରାମର ଗ୍ରାମବାସୀ ମାନେ ବିଇଓ କାର୍ଯ୍ୟାଳୟ ଘେରିଥିଲେ । ଆଗାମୀ ୫ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ନହେଲେ ପିଲା ଓ ଅଭିଭାବକ ମାନେ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି । ଏବିଇଓ ସୋମନାଥ ଦାସ ଲୋକମାନଙ୍କୁ ବୁଝାସୁଝା କରିବା ସହିତ ଶିକ୍ଷକ ନିଯୁକ୍ତିର ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା ।

# ଆଜି କେରଳ ଗସ୍ତରେ ଯିବେ ଉପରାଷ୍ଟ୍ରପତି

ନୂଆଦିଲ୍ଲୀ, : ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନ ରବିବାର ଏକଦିନିଆ କେରଳ ଗସ୍ତରେ ଯିବେ । ଏହି ଅବସରରେ ସେ କୋଲ୍ଲମ ଓ ତିରୁବନନ୍ତପୁରମରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଉପରାଷ୍ଟ୍ରପତି ସଚିବାଳୟ ଅନୁସାରେ, ଉପରାଷ୍ଟ୍ରପତି କୋଲ୍ଲମସ୍ଥିତ ମାତା ଅମୃତାନନ୍ଦମୟୀ ମଠରେ ଆୟୋଜିତ ବିଶ୍ୱ ସେବା ଦିବସ ସମାରୋହରେ ଯୋଗଦେବେ । ମାତା ଅମୃତାନନ୍ଦମୟୀଙ୍କ ୭୩ତମ ଜନ୍ମଦିନ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ସମାରୋହରେ ବାର୍ଷିକ କାର୍ଯ୍ୟକ୍ରମ ସହ ବିଭିନ୍ନ ମାନବୀୟ ସେବା ପଦକ୍ଷେପର ମଧ୍ୟ ଶୁଭାରମ୍ଭ କରାଯିବ ।ଏହାପରେ ରାଧାକୃଷ୍ଣନ



ତିରୁବନନ୍ତପୁରମସ୍ଥିତ ଶ୍ରୀ ଉଥ୍ରାଡୋମ ଥିରୁନାଲ (ଏସ୍ୟୁଟି) ଏକାଡେମୀ ଅଫ୍ ମେଡିକାଲ ସାଇନ୍ସେସ୍‌ର ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଏହି ଅବସରରେ ସେ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ମଧ୍ୟ ଅଂଶଗ୍ରହଣ କରିବେ ।

# ଆକାଶମାର୍ଗରୁ ଗଂଜାମ,କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ବନ୍ୟାପ୍ରଭାବିତ ଅଂଚଳ ପରିଦର୍ଶନ ଓ ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ଆସନ୍ତାକାଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ, ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀ ଏବଂ ସ୍ପେଶାଲ୍ ରିଲିଫ୍ କମିଶନର୍ ଶ୍ରୀ ରାଜେଶ ପ୍ରଭାକର ପାଟିଲ୍ ଆକାଶମାର୍ଗରୁ ଗଞ୍ଜାମ, କୋରାପୁଟ ଏବଂ ନବରଙ୍ଗପୁର ଜିଲ୍ଲାର ଲଗାଣ ବର୍ଷା ତଥା ବନ୍ୟା ପ୍ରଭାବିତ



ଅଂଚଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବେ କ୍ଷ କୋରାପୁଟ ଜିଲ୍ଲାର କୋଟପାଡ଼ଠାରେ ବନ୍ୟା ସ୍ଥିତି ସମୀକ୍ଷା କରିବା ସହ ଜୟପୁରଠାରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ଜନସାଧାରଣଙ୍କୁ ସମସ୍ତ ପ୍ରକାର ସେବା ଏବଂ ସହାୟତା ପ୍ରଦାନ କରିବା ନିମନ୍ତେ ରାଜ୍ୟସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହିତ କାର୍ଯ୍ୟରତ ।











# ୧୬ତମ ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ୍ ଫୁଟବଲ ଟୁର୍ଣ୍ଣାମେଂଟ- ୨୦୨୬ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

## ଖେଳୁଆଡ଼ ମନୋଭାବ ଏବଂ ଭାଇଚାରା ହିଁ ସୁସ୍ଥ ସମାଜର ମୂଳଦୁଆ






ଭୁବନେଶ୍ୱର,: ଖେଳକୁଦ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ, ଏହା ମାଧ୍ୟମରେ ସମାଜରେ ଏକତା, ଭାଇଚାରା ଓ ସଦ୍‌ଭାବନା ଅସିଥାଏ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଶନିବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ଆୟୋଜିତ ୧୬ତମ ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ ଫୁଟବଲ ଟୁର୍ଣ୍ଣାମେଂଟ- ୨୦୨୬ ରେ ଯୋଗଦେଇ କହିଛନ୍ତି । ସୂଚନାଯୋଗ୍ୟ ଯେ, ଶନିବାର କଳିଙ୍ଗ ଷ୍ଟାଡିଅମ ଠାରେ ଟାଟା ଷ୍ଟିଲ ଫ୍ରେଣ୍ଡସିପ୍ କପ ଫୁଟବଲ ଟୁର୍ଣ୍ଣାମେଂଟ ଅବସରରେ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ଗଣମାଧ୍ୟମର ପ୍ରତିନିଧି ଓ ଟାଟା ଷ୍ଟିଲ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଂଟ ଆୟୋଜନ କରାଯାଇଥିଲା । ଏହି ଟୁର୍ଣ୍ଣାମେଂଟରେ ମିଡିଆ ୧୧ ଟିମ୍ ଚମ୍ପିୟାନ ହୋଇଥିବା ବେଳେ ଅଫିସରସ ୧୧ ଟିମ୍ ରନରସ ଅପ୍ ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିକଟରେ ଚିନ୍‌ଠାରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ ହକି ୨୦୨୬ରେ ଚମ୍ପିଆନ ହୋଇଥିବା ଭାରତୀୟ ପୁରୁଷ ଓ ମହିଳା ହକି ଦଳରେ ଓଡିଶାରୁ ପ୍ରତିନିଧିତ୍ୱ କରିଥିବା ୭ଜଣ ପୁରୁଷ ଓ ୩ଜଣ ମହିଳା ହକି ଖେଳାଳୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପ୍ରତ୍ୟେକ ଖେଳାଳୀଙ୍କୁ ୧.୨୫ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରିଥିଲେ । ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ସମସ୍ତଙ୍କ ଉତ୍ସାହଜନକ ଅଂଶ ଗ୍ରହଣକୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଖେଳ ମୈଦାନରେ ଜିତିବା କିମ୍ବା ହାରିବା ଠାରୁ ବଡ କଥା ହେଉଛି ସ୍ପୋର୍ଟ୍ସମ୍ୟାନ୍ ସ୍ପିରିଟ୍ । ଏହି ଖେଳ ମାଧ୍ୟମରେ ଆମ ସମସ୍ତଙ୍କ ମାଧ୍ୟରେ ଏକ ସମନ୍ୱୟ ମଧ୍ୟ ସ୍ଥାପନ ହେଉଛି । ଖେଳୁଆଡ ମନୋଭାବ ଏବଂ ଭାଇଚାରା ସୁସ୍ଥ ସମାଜର ମୂଳଦୁଆ । ଟାଟା ଷ୍ଟିଲର ସାମାଜିକ ଦାୟିତ୍ୱବୋଧତାକୁ ପ୍ରଶଂସା କରିବା ସହିତ ପ୍ରତିବର୍ଷ ଏଭଳି ବନ୍ଧୁତ୍ୱପୂର୍ଣ୍ଣ ଟୁର୍ଣ୍ଣାମେଂଟ ଆୟୋଜନ କରୁଥିବାରୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଦେଇଥିଲେ ।ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂ ଦେଓ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶାସକ ଦଳର ମୁଖ୍ୟ ସଚେତକ ଶ୍ରୀ ସରୋଜ କୁମାର ପ୍ରଧାନ, ଟାଟା ଷ୍ଟିଲ୍ ର ଭାଇସ୍ ପ୍ରେସିଡେଂଟ (କର୍ପୋରେଟ୍ ସର୍ଭିସେସ୍) ଶ୍ରୀ ଡି.ବି. ସୁନ୍ଦର ରମମ୍ ଓ ଅନ୍ୟ ବିଧାୟକ ଓ ଗଣମାଧ୍ୟମର ପ୍ରତିନିଧିମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

# ପିଆଇବି ରାଂଚି ପକ୍ଷରୁ ଷଢ଼େଇକଳା ଓ ଖରସୁଆଁରେ ଆଂଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତାଲାପ' ଅନୁଷ୍ଠିତ

## 'ବାର୍ତାଲାପ' ସାମ୍ବାଦିକ ଓ ସରକାରଙ୍କ ମଧ୍ୟରେ ଏକ ସେତୁ: ପିଆଇବି ଏଡିଜି

ଭୁବନେଶ୍ୱର,: ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ପକ୍ଷରୁ ବିଭିନ୍ନ ସମୟରେ ଆୟୋଜନ କରାଯାଉଥିବା ''ବାର୍ତାଲାପ'' କାର୍ଯ୍ୟକ୍ରମ ସାମ୍ବାଦିକ ଓ ସରକାରଙ୍କ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିଥାଏ ବୋଲି ପିଆଇବି ଏଡିଜି ଅଖିଳ କୁମାର ମିଶ୍ର କହିଛନ୍ତି । ଆଜି ପିଆଇବି ରାଂଚି ପକ୍ଷରୁ ଝାଡ଼ଖଣ୍ଡର ଷଢ଼େଇକଳା ଓ ଖରସୁଆଁ ଠାରେ ଆଂଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତାଲାପ' ଆୟୋଜନ କରାଯାଇଥିଲା । ଏଥିରେ ଯୋଗ ଦେଇ ଶ୍ରୀ ମିଶ୍ର କହିଛନ୍ତି, ବାର୍ତାଲାପ କାର୍ଯ୍ୟକ୍ରମ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ବିଷୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଥାଏ । ଏହା ସାମ୍ବାଦିକମାନଙ୍କୁ କାର୍ଯ୍ୟ କରିବା ଲାଗି ଅନୁପ୍ରାଣିତ କରେ । ସମାଜରେ ସାମ୍ବାଦିକମାନଙ୍କର






ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶ୍ରୀ ମିଶ୍ର ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଥିଲେ । ମୁଖ୍ୟ ଅତିଥି ଭାବରେ ସମ୍ମିଳନୀକୁ ସମ୍ବୋଧିତ କରି ଷଢ଼େଇକଳା ଖରସୁଆଁର ଉପଆୟୁକ୍ତ ନୀତିଶ କୁମାର ସିଂହ ଗୁରୁତ୍ୱାରୋପ କରି କହିଥିଲେ ଯେ, ନାଗରିକ ସମାଜର ଆଚରଣଗତ ପରିବର୍ତନ ସହିତ ଯୋଡ଼ି ହେଲେ ହିଁ ଆଇନଗତ ନିୟମାବଳୀରୁ ଦୀର୍ଘସ୍ଥାୟୀ ଫଳାଫଳ ମିଳିପାରିବ । ଅପପୁଷ୍ଟି ନିରାକରଣ, ଜନସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ବର୍ଜ୍ୟବସ୍ତୁ ସଂଗ୍ରହ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଜିଲ୍ଲା ପ୍ରଶାସନ ଦ୍ୱାରା ନିଆଯାଇଥିବା ବିଭିନ୍ନ ଲକ୍ଷ୍ୟଭିତିକ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ, ସେ ସ୍ଥାନୀୟ ଅନୁଷ୍ଠାନ ତଥା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ସଦ୍ୟତମ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିୟମାବଳୀର ଦୃଢ଼ ଅନୁପାଳନ ସୁନିଶ୍ଚିତ କରିବାକୁ ଆହ୍ୱାନ ଦେଇଥିଲେ ।'କଠିନ ବର୍ଜ୍ୟବସ୍ତୁ ପରିଚାଳନା (ଏସଡବ୍ଲୁଏମ) ନିୟମାବଳୀ-୨୦୨୬, ସ୍ୱଚ୍ଛତା ହିଁ ସେବା ଏବଂ ପୋଷଣ ମାସ' ବିଷୟବସ୍ତୁକୁ ନେଇ ଏହି ବାର୍ତାଲାପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କର୍ମଶାଳାରେ ଉକ୍ତ ବିଷୟଗୁଡ଼ିକର ବିଭିନ୍ନ ଦିଗ ଉପରେ ପ୍ରଶାସନ, ବିଶେଷଜ୍ଞ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିଥିଲା ।ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ପଦ୍ମଶ୍ରୀ ଛୁଟନୀ ମହାତୋ, ଦୂରଦର୍ଶନ ଝାଡ଼ଖଣ୍ଡର ସହାୟକ ନିର୍ଦ୍ଦେଶକ ଦିବାକର କୁମାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ପିଆଇବି ରାଂଚିର ଗୌରବ କୁମାର ପୁଷ୍କର ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସିଏସଆଇଆରର ୮୫ତମ ପ୍ରତିଷ୍ଠା ଦିବସ ଅବସରରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ ଡ.ଜିତେନ୍ଦ୍ର ସିଂହ

ନୂଆଦିଲ୍ଲୀ: ବୈଜ୍ଞାନିକ ତଥ୍ୟ ଓ ଜ୍ଞାନକୁ ଦେଶର ଅଧିକରୁ ଅଧିକ ଲୋକଙ୍କ ନିକଟରେ ସେମାନଙ୍କ ନିଜ ଭାଷାରେ ପହଂଚାଇବା ଦିଗରେ ବୈଜ୍ଞାନିକ ଓ ଔଦ୍ୟୋଗିକ ଗବେଷଣା ପରିଷଦ ( ଏକ ବଡ଼ ପଦକ୍ଷେପ ନେଇଛି । ସିଏସଆଇଆରର ୮୫ତମ ପ୍ରତିଷ୍ଠା ଦିବସ ଅବସରରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ପାଂଚଟି ଭାରତୀୟ ଭାଷାରେ ନୂଆ ଲୋକପ୍ରିୟ ବିଜ୍ଞାନ ପତ୍ରିକାର ଶୁଭାରମ୍ଭ କରିଛନ୍ତି । ସିଏସଆଇଆରର ଜାତୀୟ ବିଜ୍ଞାନ ଯୋଗାଯୋଗ ଓ ନୀତି ଗବେଷଣା ପ୍ରତିଷ୍ଠାନ ପକ୍ଷରୁ ଆରମ୍ଭ କରାଯାଇଥିବା ଏହି ପତ୍ରିକାଗୁଡ଼ିକ ତାମିଲ, ତେଲୁଗୁ, ମରାଠୀ, ବଙ୍ଗଳା ଓ ଆସାମିଆ ଭାଷାରେ ପ୍ରକାଶ ପାଇବ । ଏଥିରେ ଆସାମୀ ଭାଷାର




'ବିଜ୍ଞାନ ଲହର', ବଙ୍ଗଳାର 'ବିଜ୍ଞାନ ବୃତାନ୍ତ', ମରାଠୀର 'ବିଜ୍ଞାନ କ୍ଷିତିଜ', ତାମିଲର 'ଅରିଭିୟାଲ ଅରିକ୍ଟିୟାଲର' ଏବଂ ତେଲୁଗୁର 'ବିଜ୍ଞାନ ବେଲୁଗୁ' ସାମିଲ ରହିଛି ।ଏହି ପଦକ୍ଷେପ ସିଏସଆଇଆର-ନିସ୍ପରର ଦୀର୍ଘଦିନର ବିଜ୍ଞାନ ଯୋଗାଯୋଗ ପରମ୍ପରାର ଏକ ବିସ୍ତାର । ପ୍ରତିଷ୍ଠାନର ପ୍ରମୁଖ ବିଜ୍ଞାନ ପତ୍ରିକାଗୁଡ଼ିକ ମଧ୍ୟରେ ଇଂରାଜୀର 'ସାଇନ୍ସ ରିପୋର୍ଟର', ହିନ୍ଦୀର 'ବିଜ୍ଞାନ ପ୍ରଗତି' ଏବଂ ଉର୍ଦ୍ଦୁର 'ସାଇନ୍ସ କି ଦୁନିଆ' ରହିଛି ।ଏହି ପତ୍ରିକାଗୁଡ଼ିକର ବିଶେଷତ୍ୱ ହେଉଛି, ଏଥିରେ କୃତ୍ରିମ ବୁଦ୍ଧିମତା ଭଳି ଆଧୁନିକ ପ୍ରଯୁକ୍ତିର ମଧ୍ୟ ବ୍ୟବହାର କରାଯିବ । ସିଏସଆଇଆର-ନିସ୍ପରର ବର୍ତମାନର ବିଜ୍ଞାନ ପତ୍ରିକାଗୁଡ଼ିକର ଚୟନିତ ବିଷୟବସ୍ତୁକୁ ଏଆଇ ସହାୟତାରେ ବିଭିନ୍ନ ଭାରତୀୟ ଭାଷାରେ ଅନୁବାଦ କରାଯିବ । ଏହା ପରେ ବୈଜ୍ଞାନିକ ତଥ୍ୟର ସଠିକତା ଓ ଭାଷାର ଗୁଣବତା ବଜାୟ ରଖିବା ପାଇଁ ମାନବ ବିଶେଷଜ୍ଞମାନେ ଏହାର ସମୀକ୍ଷା, ପ୍ରୁଫରିଡିଂ, ତଥ୍ୟ ଯାଂଚ ଏବଂ ସମ୍ପାଦନା କରିବେ ।

# ସମ୍ବଲପୁରରେ ସିପାହୀ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହରେ ଯୋଗଦେଲେ ଡିଜିପି

ଭୁବନେଶ୍ୱର,: ପ୍ରାଥମିକ ପ୍ରଶିକ୍ଷଣ ଅନୁଷ୍ଠାନ ବି.ଟି.ଆଇ., ବୁର୍ଲା, ସମ୍ବଲପୁରଠାରେ ପଂଚମ ବ୍ୟାଚ ସିପାହୀ ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ ।

ତାଙ୍କ ଉଦବୋଧନରେ ଡିଜିପି ଶ୍ରୀ ମିଶ୍ର ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇ କହିଥିଲେ ଯେ, ଏକାଡେମୀ ପକ୍ଷରୁ ଉତ୍କୃଷ୍ଟ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି ଏବଂ ଆଗାମୀ ଦିନରେ ବିଭିନ୍ନ ଚ୍ୟାଲେଞ୍ଜର ସାହସର ସହ ମୁକାବିଲା କରିବାକୁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ପୋଲିସ ଜନସାଧାରଣଙ୍କ ପ୍ରତି ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର ରଖିବା ଉଚିତ ବୋଲି ସେ ଉଲ୍ଲେଖ କରିଥିଲେ ।

"ସେବା ଓ ସୁରକ୍ଷା" ହେଉଛି ଓଡ଼ିଶା ପୋଲିସର ମୂଳମନ୍ତ୍ର ଏବଂ ସମାଜର



ଦୁର୍ବଳ ଶ୍ରେଣୀ, ମହିଳା ଓ ଶିଶୁମାନଙ୍କ ସୁରକ୍ଷା ପ୍ରଥମ କର୍ତବ୍ୟ । ପେଶାଦାରିତା, ସମ୍ବେଦନଶୀଳତା ଓ ଉତମ ବ୍ୟବହାର ଦ୍ୱାରା ପୋଲିସର ପ୍ରତିଛବିକୁ ଉଜ୍ଜ୍ୱଳ କରିବାକୁ ଡିଜିପି ଆହ୍ୱାନ ଦେଇଥିଲେ । ପଂଚମ ବ୍ୟାଚ ପ୍ରଶିକ୍ଷଣ ମୋଟ ୧୦୨୭ ଜଣ ପ୍ରଶିକ୍ଷାର୍ଥୀ ସଫଳତାର ସହ ପ୍ରଶିକ୍ଷଣ ସମାପ୍ତ କରି ଦୀକ୍ଷାନ୍ତ ସମାରୋହରେ ଭାଗ ନେଇଥିଲେ ।ପ୍ରଶିକ୍ଷଣ ସମୟରେ ଏହି ପ୍ରଶିକ୍ଷାର୍ଥୀମାନେ ପୁରୀ ରଥଯାତ୍ରା, ସୁନ୍ଦରଗଡ଼, ସମ୍ବଲପୁର, ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ରାମନବମୀ, ସୁନ୍ଦରଗଡ଼, ସୋନପୁର ଓ ଝାରସୁଗୁଡ଼ାରେ ହନୁମାନ ଜୟନ୍ତୀ, ମୟୂରଭଞ୍ଜ ଜିଲ୍ଲାରେ ମାନ୍ୟବର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ତଥା ସମ୍ବଲପୁର ଜିଲ୍ଲାରେ ଶୀତଳଷଷ୍ଠୀ ପର୍ବ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଉପଲକ୍ଷେ ଆଇନଶୃଙ୍ଖଳା ଡ୍ୟୁଟି ସଫଳତାର ସହ ସମ୍ପାଦନ କରିଥିଲେ । ପ୍ରଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଇନ୍‌ଡୋର ବିଷୟରେ ୧ମ ସ୍ଥାନ ଅଧିକାର କରିଥିବା ଟିଙ୍କୁ ମହାନନ୍ଦ ଏବଂ ୨ୟ ସ୍ଥାନ ନରେନ୍ଦ୍ର ସାହୁ ସମ୍ମାନିତ ହୋଇଥିଲେ । ସେହିପରି ଆଉଟଡୋର ବିଷୟରେ ଆହୁତି ଅଗ୍ନିକର ପଲେଇ ଏବଂ ଦ୍ୱିତୀୟ ସ୍ଥାନରେ ସନ୍ତୋଷ କେସିଙ୍କୁ ଡିଜିପି ସମ୍ମାନିତ ରହିଥିଲେ । ସେହିପରି ଡିଜିପି ସର୍ବଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ ସୁମିତ ଥାପା ଏବଂ ସାମଗ୍ରିକ ଭାବେ ସର୍ବଶ୍ରେଷ୍ଠ ପ୍ରଶିକ୍ଷାର୍ଥୀ ଭାବେ ଆହୁତି ଅଗ୍ନିକର ପଲେଇ, ଶୁଭ୍ରଜିତ ପଣ୍ଡା ଏବଂ ହିମାଂଶୁ ବାଗଙ୍କୁ ସମ୍ମାନିତ କରିଥିଲେ । ଦୀକ୍ଷାନ୍ତ ସମାରୋହରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସଏପି ) ରାଜେଶ କୁମାର, ଆଇଜିପି (ଏସଏପି) ସତୀଶ କୁମାର ଗୋଜଭିୟେ ଏବଂ ବି.ଟି.ଆଇ., ବୁର୍ଲାର କମାଣ୍ଡାଂଟ ପ୍ରସାଦ ତମାଙ୍ଗଙ୍କ ସହ ବରିଷ୍ଠ ପୋଲିସ ଅଧିକାରୀ, ପ୍ରଶିକ୍ଷାର୍ଥୀଙ୍କ ପରିବାରବର୍ଗ ଓ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# କଟକ ରେଳ ଷ୍ଟେସନରେ ସ୍ୱଚ୍ଛତା ଅଭିଯାନର ନେତୃତ୍ୱ ନେଲେ ପୂର୍ବତଟ ରେଳପଥ ମହାପ୍ରବନ୍ଧକ

ଭୁବନେଶ୍ୱର: ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଆଜି କଟକ ରେଳ ଷ୍ଟେସନରେ 'ସ୍ୱଚ୍ଛତା ହିଁ ସେବା-୨୦୨୬' ଅଭିଯାନରେ ସକ୍ରିୟ ଭାବେ ଅଂଶଗ୍ରହଣ କରି ଷ୍ଟେସନର ପୂର୍ବ ପାର୍ଶ୍ୱ ମୁଖ୍ୟ ପ୍ରବେଶ ପଥ ନିକଟରେ ସଫେଇ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ସେ ରେଳ ଅଧିକାରୀ, କର୍ମଚାରୀ ଓ ଯାତ୍ରୀମାନଙ୍କୁ ରେଳ ପରିସରକୁ ସ୍ୱଚ୍ଛ ରଖିବାରେ ସହଯୋଗ କରିବାକୁ ଉତ୍ସାହିତ କରିଥିଲେ ।ସ୍ୱଚ୍ଛତା ଅଭିଯାନ ଅବସରରେ ଶ୍ରୀ ଫୁଙ୍କୱାଲ ଯାତ୍ରୀମାନଙ୍କ ସହ ଆଲୋଚନା କରି ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଦିଗରେ ସଚେତନ ହେବାକୁ ଆହ୍ୱାନ କରିଥିଲେ । ସେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟାଗ୍ ?ର ବ୍ୟବହାର ଏଡ଼ାଇବା ସହ ଏହାର ବିକଳ୍ପ ଭାବେ ପରିବେଶ ଅନୁକୂଳ ପୁନଃବ୍ୟବହାର





ଯୋଗ୍ୟ ଝୋଟ ବ୍ୟାଗ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସେ ଯାତ୍ରୀମାନଙ୍କୁ ଝୋଟ ବ୍ୟାଗ୍ ବ[ନ କରି ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକର ବ୍ୟବହାର କମାଇବା ଏବଂ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ସହଯୋଗ କରିବାକୁ ଆହ୍ୱାନ କରିଥିଲେ । ମହାପ୍ରବନ୍ଧକ ଯାତ୍ରୀମାନଙ୍କୁ ରେଳ ପରିସରରେ ଆବର୍ଜନା ଏଣେତେଣେ ନ ପକାଇ ନିର୍ଦ୍ଧାରିତ ଡଷ୍ଟବିନ୍ ?ରେ ପକାଇବାକୁ ଆହ୍ୱାନ କରିଥିଲେ । ସେ କହିଥିଲେ ଯେ, ରେଳ ଷ୍ଟେସନରେ ସ୍ୱଚ୍ଛତା ବଜାୟ ରଖିବା କେବଳ ରେଳ ପ୍ରଶାସନର ଦାୟିତ୍ୱ ନୁହେଁ, ଏହା ଯାତ୍ରୀ ଓ ସାଧାରଣ ଜନତାଙ୍କ ସାମୂହିକ ଦାୟିତ୍ୱ । ଏଥିପାଇଁ ସେ ସ୍ୱଚ୍ଛତା ହିଁ ସେବା ଅଭିଯାନରେ ଜନଭାଗିଦାରୀକୁ ସୁଦୃଢ଼ କରିବା ସହ ରେଳ ପରିସରକୁ ସ୍ୱଚ୍ଛ ରଖିବାରେ ସକ୍ରିୟ ସହଯୋଗ କରିବାକୁ ଯାତ୍ରୀ ଓ ସାଧାରଣ ଜନତାଙ୍କୁ ଆହ୍ୱାନ କରିଥିଲେ ।ପୂର୍ବତଟ ରେଳପଥ ପକ୍ଷରୁ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨, ୨୦୨୬ ପର୍ଯ୍ୟନ୍ତ "ସ୍ୱଚ୍ଛତା ମେଁ ସହଭାଗ: ସ୍ୱଚ୍ଛ ଭାରତ, ବିକଶିତ ଭାରତ" ବିଷୟବସ୍ତୁକୁ ନେଇ ସ୍ୱଚ୍ଛତା ହିଁ ସେବା ୨୦୨୬ ଅଭିଯାନ ପାଳନ କରାଯାଉଛି ।

# କବାଡ଼ିରେ ଭାରତକୁ ଦ୍ୱିତୀୟ ସ୍ୱର୍ଣ୍ଣ

ନାଗୋୟା,: ମହିଳା ପରେ ଭାରତୀୟ ପୁରୁଷ କବାଡ଼ି ଦଳ ୨୦୨୬ ଏସୀୟ କ୍ରୀଡ଼ା ଫାଇନାଲରେ ଇରାନକୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛି । ଏକ କଡ଼ା ମୁକାବିଲାରେ ଇରାନକୁ ୪୦-୩୪ରେ ପରାସ୍ତ କରି ଭାରତ କବାଡ଼ିରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛି । ଏହା ଏକ ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ମ୍ୟାଚ ରହିଥିଲା । ପ୍ରଥମାର୍ଦ୍ଧରେ ଇରାନ ଅଗ୍ରଣୀ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଭାରତୀୟ ଦଳ ଚମତ୍କାର ପ୍ରତ୍ୟାବର୍ତନ କରିଥିଲା ।ପ୍ରଥମାର୍ଦ୍ଧରେ ୨୦ ମିନିଟରେ ଇରାନ ୧୮-୧୭ରେ ଆଗୁଆ ରହିଥିଲା । ତଥାପି, ଭାରତୀୟ ଖେଳାଳି ଦ୍ୱିତୀୟାର୍ଦ୍ଧରେ ଖେଳର ମୋଡ଼ ବଦଳାଇ ଦେଇଥିଲେ । ଇରାନ ବିପକ୍ଷରେ୨୩-୧୬ ସ୍କୋର କରି ଭାରତ ମ୍ୟାଚ୍ ?ରେ ଆଗୁଆ



ରହିଥିଲା । ଶେଷାର୍ଦ୍ଧରେ ଅଲ-ଆଉଟର ଶିକାର ହେବା ପରେ ଇରାନ ଚାପରେ ଥିବା ପରି ମନେ ହେଉଥିଲା । ଭାରତ ଏହି ସ୍ଥିତିର ଭରପୂର ଫାଇଦା ଉଠାଇଥିଲା । ଏବଂ ଏହି ସମୟ ଭାତର ଉତ୍କୃଷ୍ଟ ରକ୍ଷଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା । ୧୯୯୦ସ୍ ?ରୁ ୨୦୨୬ ମଧ୍ୟରେ ଅନୁଷ୍ଠିତ ୧୦ଟି ଏସୀୟ କ୍ରୀଡ଼ା ଇଭେ[ରେ, ଭାରତୀୟ ପୁରୁଷ କବାଡ଼ି ଦଳ ୯ଥର ସ୍ୱର୍ଣ୍ଣ ପଦକ ହାସଲ କରିଛି । କେବଳ ୨୦୧୮ରେ ଭାରତୀୟ ପୁରୁଷ ଦଳ ସ୍ୱର୍ଣ୍ଣ ପଦକ ଜିତିବାରୁ ବଂଚିତ ହୋଇଥିଲା । ଇରାନକୁ ପରାସ୍ତ କରି ଭାରତୀୟ ମହିଳା ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ହାସଲ କରିଛି । ଭାରତୀୟ ମହିଳା କବାଡ଼ି ଦଳ ଫାଇନାଲରେ ଇରାନକୁ ୩୭-୩୪ ବ୍ୟବଧାନରେ ପରାସ୍ତ କରି ସ୍ୱର୍ଣ୍ଣ ହାସଲ କରିଛି । ଏହି ମ୍ୟାଚ୍ ?ରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା । ଯଦିଓ ପ୍ରାରମ୍ଭିକ ପର୍ଯ୍ୟାୟରେ ଉଭୟ ଦଳ ପ୍ରାଧାନ୍ୟ ବିସ୍ତାର କରୁଥିବା ମନେ ହେଉଥିଲା, ତଥାପି ଶେଷ ଆଡ଼କୁ ଭାରତ ଚମତ୍କାର ପ୍ରଦର୍ଶନ କରିଥିଲା ।


Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty**, ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty**, ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**